

ଟିପ୍ପଣୀ

# ଏକକ ୧୩  ଆକଳନ ଓ ମୂଲ୍ୟାୟନର ଆଧାର

## ସଂରଚନା


୧୩.୦  ଉପକ୍ରମ

୧୩.୧  ଶିକ୍ଷଣ ଉଦ୍ଦେଶ୍ୟ

୧୩.୨  ଶିକ୍ଷାର୍ଥୀଙ୍କ ପ୍ରଗତିର ଆକଳନ

  ୧୩.୨.୧ ମାପନ, ଆକଳନ ଏବଂ ମୂଲ୍ୟାୟନ

୧୩.୩  ଆକଳନ ପ୍ରକ୍ରିୟା

  ୧୩.୩.୧ ପ୍ରତ୍ୟାଶିତ ଶିକ୍ଷଣ ଫଳାଫଳ, ଶ୍ରେଣୀ ଶିକ୍ଷଣ ପ୍ରକ୍ରିୟା ଏବଂ ଆକଳନ

  ୧୩.୩.୨ ଗଠନମୂଳକ ଏବଂ ସମାପ୍ତିସୂଚକ ଆକଳନ

୧୩.୪  ନିରନ୍ତର ଓ ସାମଗ୍ରୀକ ମୂଲ୍ୟାୟନ (ସି. ସି. ଇ)

  ୧୩.୪.୧ ଧାରଣା, ପ୍ରକ୍ରିୟା ଏବଂ ଆବଶ୍ୟକତା

  ୧୩.୪.୨ ନିରନ୍ତର ଓ ସାମଗ୍ରିକ ମୂଲ୍ୟାୟନ ନିମନ୍ତେ ପରିମାଣାତ୍ମକ ଓ ଗୁଣାତ୍ମକ ତଥ୍ୟର ବ୍ୟବହାର

୧୩.୫  ସାରାଂଶ

୧୩.୬  ନିଜ ଅଗ୍ରଗତି ଆକଳନ ପାଇଁ ଆଦର୍ଶ ଉତ୍ତର

୧୩.୭  ଅତିରିକ୍ତ ଅଧ୍ୟୟନ ପାଇଁ ପ୍ରବନ୍ଧ ସୂଚୀ

୧୩.୮  ପାଠାନ୍ତ ପ୍ରଶ୍ନାବଳୀ


## ୧୩.୦ ଉପକ୍ରମ

ପୂର୍ବ ଏକକରେ ଆପଣମାନଙ୍କୁ ଶିକ୍ଷଣ ପ୍ରକ୍ରିୟା ଓ ଛାତ୍ରଛାତ୍ରୀଙ୍କ ଶିକ୍ଷଣରେ ସହାୟତା ପ୍ରଦାନ ନିମିତ୍ତ ପାଠଯୋଜନା ସହିତ ବିଭିନ୍ନ ପ୍ରକାର ପଦ୍ଧତି ଓ ପନ୍ଥା ସହିତ ପରିଚିତ କରାଯାଇଛି । ଆପଣମାନଙ୍କ ପରି ଜଣେ ପ୍ରତିଶ୍ରୁତିବଦ୍ଧ ଶିକ୍ଷୟିତ୍ରୀ ଶିଲା ଉପଯୁକ୍ତ ପଦ୍ଧତି ଚୟନ କରନ୍ତି, ବହୁତ ଉଦ୍ୟମ କରି ନିଖୁଣଭାବେ ନିଜ ପାଠର ଯୋଜନା କରନ୍ତି ଏବଂ ତାଙ୍କର ଶ୍ରେଣୀଗୃହକୁ ଏଭଳି ପରିଚାଳନା କରନ୍ତି ଯେ ଶ୍ରେଣୀର ସମସ୍ତ ଶିକ୍ଷାର୍ଥୀ ପ୍ରତ୍ୟେକ ଶିକ୍ଷଣକାର୍ଯ୍ୟରେ ଅଂଶଗ୍ରହଣ କରିପାରନ୍ତି । ଗୋଟିଏ ପ୍ରସଙ୍ଗକୁ ପଢେଇବା ପରେ ଶିକ୍ଷୟିତ୍ରୀ ଶିଲା କ'ଣ କରିବା ଉଚିତ୍ ? ସେ ପରବର୍ତ୍ତୀ ପ୍ରସଙ୍ଗଟିକୁ ପଢେଇବା ପାଇଁ ଅଗ୍ରସର ହେବା ଉଚିତ କିମ୍ବା ସେ ନିଶ୍ଚିତ କରିବା ଦରକାର ଯେ ସେ ଯେଉଁ ପ୍ରତ୍ୟୟ ଗୁଡିକୁ ପଢାଇଥିଲେ ସେଗୁଡିକୁ ପ୍ରତ୍ୟେକ ଶିକ୍ଷାର୍ଥୀ ବୁଝିଯାଇଛନ୍ତି ଏବଂ ବାସ୍ତବ ଜୀବନରେ ବିଭିନ୍ନ ପରିସ୍ଥିତିରେ ସମ୍ମୁଖୀନ ହେଉଥିବା ସମସ୍ୟାର ସମାଧାନ ପାଇଁ ସେହି ପ୍ରତ୍ୟୟଗୁଡିକର ବ୍ୟବହାର କରିବାରେ ସକ୍ଷମ ଅଟନ୍ତି । ଶିକ୍ଷାଦାନ କଲାବେଳେ ସେ ଯାହା କରୁଥିଲେ ତାହା ଠିକ୍ ଦିଗରେ ହେଉଥିଲା ବୋଲି ସେ କିପରି ସୁନିଶ୍ଚିତ କରିପାରିବେ ? ଛାତ୍ରଛାତ୍ରୀମାନେ କିଛି ଶିକ୍ଷଣଜନିତ ଅସୁବିଧାର ସମ୍ମୁଖୀନ ହେଉଥିଲେ କି ? ଶିକ୍ଷାଦାନ ଓ ଶିକ୍ଷଣର ଯଥାର୍ଥତା ବା ଉପାଦେୟତା



ଟିପ୍ପଣୀ

ସମ୍ପର୍କରେ ଏହିପରି ଅନେକ ପ୍ରଶ୍ନ ଉଠିପାରେ? ଶିକ୍ଷୟିତ୍ରୀ ଶିଳାଙ୍କୁ ଏହିସବୁ ପ୍ରଶ୍ନର ଉତ୍ତର ଜାଣିବା ତଥା ପରବର୍ତ୍ତୀ ପ୍ରସଙ୍ଗଟିକୁ ଶିକ୍ଷାଦାନ ପୂର୍ବରୁ ଆବଶ୍ୟକୀୟ ପଦକ୍ଷେପ ଗୁଡିକ ସମ୍ପର୍କରେ ଜାଣିବା ଅନିବାର୍ଯ୍ୟ ଅଟେ । କିନ୍ତୁ ଏ ସମସ୍ତ ପ୍ରଶ୍ନର ଉତ୍ତର ସେ କିପରି ସଂଗ୍ରହ କରିପାରିବେ ? ସେ ଛାତ୍ରଛାତ୍ରୀଙ୍କ ବୋଧଗମ୍ୟତା ପରୀକ୍ଷା କରିବା ପାଇଁ ପ୍ରଶ୍ନ ପଚାରିପାରନ୍ତି, ଶ୍ରେଣୀ ଭିତରେ ଓ ବାହାରେ ସେମାନଙ୍କର କାର୍ଯ୍ୟଧାରାକୁ ପର୍ଯ୍ୟବେକ୍ଷଣ କରିପାରିବେ କାରଣ ଛାତ୍ରଛାତ୍ରୀମାନେ ଶିଖିଥିବା ଜ୍ଞାନକୁ କିପରି ବାସ୍ତବ ଜୀବନରେ ସମ୍ମୁଖୀନ ହେଉଥିବା ପରିସ୍ଥିତିରେ ପ୍ରୟୋଗ କରୁଛନ୍ତି କି ନାହିଁ? ସେ ସମ୍ପର୍କରେ ଜାଣିବା ପାଇଁ ଅନ୍ୟ ଶିକ୍ଷକମାନଙ୍କୁ ଓ ଅଭିଭାବକ ତଥା ପିତାମାତାଙ୍କୁ ସେମାନଙ୍କର କାର୍ଯ୍ୟକଳାପ ସମ୍ପର୍କରେ ପଚାରିପାରିବେ । ସେ ପଢାଯାଇଥିବା ପ୍ରତ୍ୟୟଗୁଡିକ ଉପରେ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କର ସ୍ଥିତି ସମ୍ପର୍କରେ ସବିଶେଷ ବିବରଣୀ ପ୍ରାପ୍ତ ନିମନ୍ତେ ଅନ୍ୟ ଉପାୟ ଅବଲମ୍ବନ କରିପାରନ୍ତି । ସଂକ୍ଷେପରେ, ସେ ପ୍ରତ୍ୟେକ ପିଲାଙ୍କ କାର୍ଯ୍ୟ ସଂପାଦନର ଆକଳନ ବା ମୂଲ୍ୟାୟନ କରିପାରିବେ ।

ଶିକ୍ଷୟିତ୍ରୀ ଶିଳା ଛାତ୍ରଛାତ୍ରୀଙ୍କର ଶିକ୍ଷଣର ଗୋଟିଏ ଦିଗ କିମ୍ବା ଅଳ୍ପ କିଛି ଦିଗକୁ ଆକଳନ କରିପାରିବେ ଯେଉଁଗୁଡିକୁ ଆଗାମୀ କାର୍ଯ୍ୟପାଇଁ ସେ ଗୁରୁତ୍ୱପୂର୍ଣ୍ଣ ବୋଲି ଭାବୁଛନ୍ତି କିମ୍ବା ଛାତ୍ରଛାତ୍ରୀଙ୍କର ଶିକ୍ଷଣର ସମସ୍ତ ସମ୍ଭାବ୍ୟ ଦିଗକୁ ଆକଳନ (ସାମଗ୍ରିକ ଆକଳନ / ମୂଲ୍ୟାୟନ) କରି ଏକ ରିପୋର୍ଟ ପ୍ରସ୍ତୁତ କରିପାରିବେ ଯେଉଁଥିରେ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କ ସମସ୍ତ ଦିଗ ବିଷୟରେ ଲେଖାଥିବ ଯେହେତୁ ସେଗୁଡିକ ଆକଳନ ପ୍ରକ୍ରିୟାରୁ ନିର୍ଦ୍ଧାରଣ କରାଯାଇଥାଏ ଏବଂ ଯେ କେହି ଯେପରି ଅଭିଭାବକ, ପ୍ରଧାନଶିକ୍ଷକ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ କିମ୍ବା ବିଦ୍ୟାଳୟ ନିରୀକ୍ଷକ ଶିକ୍ଷାର୍ଥୀଙ୍କ ଉପଲବ୍ଧିସ୍ତର ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ପ୍ରାପ୍ତ କରିପାରିବେ ।

ଆଜିକାଲି ବିଭିନ୍ନ ବିଷୟରେ ଶିକ୍ଷାର୍ଥୀର ଅଗ୍ରଗତିକୁ ଜାଣିବାପାଇଁ ବିଦ୍ୟାଳୟ ସ୍ତରରେ ଏକକ ପରୀକ୍ଷଣ, ଅର୍ଦ୍ଧବାର୍ଷିକ ଓ ବାର୍ଷିକ ପରୀକ୍ଷା କରାଯାଉଛି ବୋଲି ଆପଣମାନେ ଜାଣିଛନ୍ତି ଏବଂ ସର୍ବାଙ୍ଗୀନ ଆକଳନ ପାଇଁ ଅଳ୍ପ ସୁଯୋଗ ଥିବାରୁ ଏହି ମୂଲ୍ୟାୟନ ସାମଗ୍ରିକ ହୋଇପାରିନଥାଏ । ସେ ଯାହାହେଉ, ଜାତୀୟ ଶିକ୍ଷାନୀତି (୧୯୮୬) ଓ ଜାତୀୟ ପାଠ୍ୟକ୍ରମ ଆଧାର ୨୦୦୫ରେ ନିରନ୍ତର ଓ ସଂବ୍ୟାପକ (ସାମଗ୍ରିକ) ମୂଲ୍ୟାୟନ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି । ଏହି ଏକକର, ଆପଣ ଶିକ୍ଷଣକୁ ଆକଳନ କରିବାର ବିଭିନ୍ନ ପ୍ରକ୍ରିୟା ସହିତ ଯୋଡି ହୋଇଥିବା ବିଭିନ୍ନ ଅବଧାରଣା (ପ୍ରତ୍ୟୟ) ଗୁଡିକୁ ଜାଣିବାକୁ ପାଇବେ ଏବଂ ମୂଲ୍ୟାୟନକୁ କିପରି ନିରନ୍ତର ଓ ସାମଗ୍ରିକ କରାଯାଇପାରିବ ଏବଂ ଶିକ୍ଷାର୍ଥୀର ଶିକ୍ଷଣରେ ସହାୟତା ଦେବାପାଇଁ ଶିକ୍ଷାଦାନ ଶିକ୍ଷଣକୁ ଉନ୍ନତ କରିବାକୁ ହେବ ଓ ଶିକ୍ଷକଙ୍କର ଆକଳନ ଉପାୟଗୁଡିକରେ କିପରି ଅଧିକ ଉନ୍ନତ କରାଯାଇପାରିବ, ସେ ବିଷୟରେ ଜାଣିବାକୁ ପାଇବେ । ଏହି ଏକକକୁ ସମ୍ପୂର୍ଣ୍ଣ କରିବାରେ ଆପଣଙ୍କୁ ପାଖାପାଖି ୧୦ ଘଣ୍ଟା ସମୟ ଲାଗିପାରେ ।

## ୧୩.୧ ଶିକ୍ଷଣ ଉଦ୍ଦେଶ୍ୟ

ଏହି ଏକକଟି ଅଧ୍ୟୟନ କରିବାପରେ ଆପଣ :

- ମାପନ, ଆକଳନ ଓ ମୂଲ୍ୟାୟନର ଧାରଣା ସମ୍ପର୍କରେ ବୁଝାଇପାରିବେ;
- ମାପନ, ଆକଳନ ଓ ମୂଲ୍ୟାୟନ ମଧ୍ୟରେ ସମାନତା ଓ ପାର୍ଥକ୍ୟକୁ ଚିହ୍ନଟ କରିପାରିବେ;



ଟିପ୍ପଣୀ

- ଆକଳନକୁ ପ୍ରତ୍ୟାଶିତ ଫଳାଫଳ ଓ ଶ୍ରେଣୀଗୃହ ପରିଚାଳନା ପ୍ରକ୍ରିୟା ସହିତ ସମ୍ପର୍କୀତ କରିପାରିବେ;
- ଛାତ୍ରଛାତ୍ରୀଙ୍କ ଶିକ୍ଷଣରେ ସହାୟତା ଦେବା ନିମନ୍ତେ ଉଭୟ ଗଠନମୂଳକ ଓ ସମାପ୍ତିସୂଚକ ମୂଲ୍ୟାୟନର ପ୍ରୟୋଗ କରିପାରିବେ;
- ନିରନ୍ତର ଓ ସାମଗ୍ରିକ ମୂଲ୍ୟାୟନରେ ଅର୍ଥ, ଆବଶ୍ୟକତା ଏବଂ ପରିଧିକୁ ବୁଝାଇପାରିବେ;
- ନିରନ୍ତର ଓ ସାମଗ୍ରିକ ମୂଲ୍ୟାୟନରୁ ମିଳିଥିବା ଉଭୟ ପରିମାଣାତ୍ମକ ଓ ଗୁଣାତ୍ମକ ତଥ୍ୟର ବ୍ୟବହାର କରିପାରିବେ ;
- ନିରନ୍ତର ଓ ସାମଗ୍ରିକ ମୂଲ୍ୟାୟନର ଫଳାଫଳରୁ ନିଜର ଶିକ୍ଷାଦାନ କୌଶଳରେ ସୁଧାର ଆଣିପାରିବେ ।

## ୧୩.୨ ଶିକ୍ଷାର୍ଥୀଙ୍କ ପ୍ରଗତିର ଆକଳନ

ଏହା ଏକ ସତକଥା ଯେ, ପ୍ରତ୍ୟେକ ଶିକ୍ଷାର୍ଥୀ ଭିତରେ କିଛି ସାମର୍ଥ୍ୟ ଏବଂ କୁଶଳୀ ଦକ୍ଷତା (ଗୁଣ) ଥାଏ ଯାହାର ଅତି ସାବଧାନତାର ସହ ପୋଷଣ ହେବା ଆବଶ୍ୟକ । ଜଣେ ଶିକ୍ଷକ ହିସାବରେ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ତାଙ୍କ ନିଜସ୍ୱ ସାମର୍ଥ୍ୟ ଅନୁଯାୟୀ ସାହାଯ୍ୟ କରିବା ଆପଣଙ୍କର ଦାୟିତ୍ୱ । ଶିକ୍ଷଣ ଶିକ୍ଷାଦାନ ପ୍ରକ୍ରିୟାରେ ପିଲାମାନଙ୍କୁ ଯାହା ଶିଖିବାର ଥିଲା ସେଗୁଡିକୁ ପିଲାମାନେ ଶିଖିଲେ କି ନାହିଁ ତାହା ଜାଣିବା ଗୁରୁତ୍ୱପୂର୍ଣ୍ଣ ଏବଂ ସମୟକ୍ରମେ ସେମାନଙ୍କର ଶିକ୍ଷଣ ଅଗ୍ରଗତି ସନ୍ତୋଷଜନକ କି ନୁହେଁ ତାହା ଜାଣିବା ମଧ୍ୟ ଆବଶ୍ୟକ । ସେ ଯାହାହେଉ ଅନ୍ୟ କିଛି କାରଣ ଥାଇପାରେ । କେବଳ ଶିକ୍ଷକ ନୁହଁନ୍ତି ଅନ୍ୟମାନେ ଯଥା ପିତାମାତା ଓ ଶିକ୍ଷାଧିକାରୀମାନେ ଯିଏ କି ଶିକ୍ଷାର୍ଥୀମାନଙ୍କର ବିଭିନ୍ନ ବିଷୟରେ ଏବଂ ସହବୌଦ୍ଧିକ ଦିଗରେ କ'ଣ କ'ଣ ଶିଖିବା ଆବଶ୍ୟକ ଜାଣିବାକୁ ଆଗ୍ରହ ପ୍ରକାଶ କରିଥାନ୍ତି । ଶିକ୍ଷାର୍ଥୀମାନଙ୍କୁ ପଢାଯାଇଥିବା ବିଷୟବସ୍ତୁରେ ସେମାନଙ୍କ ଶିକ୍ଷଣର ଉପଲବ୍ଧିସ୍ତର ଜାଣିବା ନିମନ୍ତେ ଗୋଟିଏ ଉପାୟ ହେଲା ପରୀକ୍ଷା କରିବା ଏବଂ ସେମାନଙ୍କର କୃତିତ୍ୱକୁ ନମ୍ବର କିମ୍ବା ଗ୍ରେଡ୍‌ରେ ପ୍ରକାଶ କରିବା । ଜଣେ ଶିକ୍ଷକ ହିସାବରେ ଆପଣ ଏ ପ୍ରକାର ବ୍ୟବସ୍ଥା ସହିତ ଅତି ପରିଚିତ । ସେ ଯାହାହେଉ, ପ୍ରକୃତରେ ଶିକ୍ଷାର୍ଥୀମାନେ ଭଲଭାବରେ ଶିଖିବା ପାଇଁ ଆପଣ ଯଦି ଚାହୁଁଥାନ୍ତି ତେବେ ଶିକ୍ଷାର୍ଥୀମାନେ ପରୀକ୍ଷାରେ ରଖିଥିବା ନମ୍ବର କିମ୍ବା ଗ୍ରେଡ୍ ଶିକ୍ଷାର୍ଥୀର ଶିକ୍ଷଣ ଅଗ୍ରଗତି ସମ୍ପର୍କରେ କେଉଁସବୁ ତଥ୍ୟ ଯୋଗାଉଛି ତାହା ଜାଣିବା ନିହାତି ଆବଶ୍ୟକ । ଆପଣ ଗ୍ରେଡ୍ କିମ୍ବା ନମ୍ବର କଥା ଯେତେବେଳେ ଭାବନ୍ତି ସେତେବେଳେ ଆପଣଙ୍କ ମନରେ ଅନେକ ପ୍ରଶ୍ନ ଉଠିଥାଏ ଯେପରି:

- ବିଭିନ୍ନ ବିଷୟରେ ରଖିଥିବା ନମ୍ବର ବାସ୍ତବରେ ଶିକ୍ଷାର୍ଥୀର କୃତିତ୍ୱକୁ ଦର୍ଶାଇଥାଏ କି ?
- ଶିକ୍ଷାର୍ଥୀ ଶିକ୍ଷଣର ଉପାୟ ସମ୍ପର୍କରେ କିଛି କହିଥାଏ କି କିମ୍ବା ପ୍ରତ୍ୟେକ ଶିକ୍ଷାର୍ଥୀ କିପରି ଶିଖିଥାନ୍ତି ସେ ବିଷୟରେ କିଛି ଜଣାଥାଏ କି ?
- ଶିକ୍ଷଣ ସମୟରେ ଶିକ୍ଷାର୍ଥୀ ସମ୍ମୁଖୀନ ହେଉଥିବା ଅସୁବିଧା ସମ୍ପର୍କରେ ସଙ୍କେତ ଦେଇଥାଏ କି ?
- ଶିକ୍ଷାର୍ଥୀର ଶିକ୍ଷଣ କ୍ଷେତ୍ରରେ ଥିବା ସାମର୍ଥ୍ୟତା ଓ ଦୁର୍ବଳତା ସମ୍ପର୍କରେ ତଥ୍ୟ ଯୋଗାଇଥାଏ କି ?
- ଶିକ୍ଷଣର ବେଗ ଓ ପରିମାଣ ସମ୍ପର୍କରେ କିଛି ପ୍ରକାଶ କରିଥାଏ କି ?

ଟିପ୍ପଣୀ

- କ'ଣ ଶିକ୍ଷଣର ସମସ୍ତ କ୍ଷେତ୍ର / ବିଷୟବସ୍ତୁ ଓ ସହ ବୌଦ୍ଧିକ ଦିଗର ସାମର୍ଥ୍ୟକୁ ନମ୍ବର ବା ଗ୍ରେଡ୍‌ରେ ଦର୍ଶାଯାଇପାରିବ ?
- ଶିକ୍ଷଣକୁ ଅଧିକ ଭଲ ଉପାୟରେ ମୂଲ୍ୟାୟନ କରିବାର କିଛି ବିକଳ୍ପ ପନ୍ଥା କିମ୍ବା ଅନ୍ୟ ସହଯୋଗୀ ଉପାୟ ଅଛି କି ?

ଆପଣ ଯଦି ଉପରୋକ୍ତ ସମସ୍ତ ପ୍ରଶ୍ନର ଉତ୍ତର ଖୋଜିବା ପାଇଁ ଚେଷ୍ଟା କରିବେ, ସମ୍ଭବତଃ, ଆପଣ ସମସ୍ତେ ଭଲଭାବେ ଅନୁଭବ କରିପାରିବେ ଯେ ଆମର ଅତି ପରିଚିତ ନମ୍ବର ବା ଗ୍ରେଡ ଦେବା ଉପାୟ କେତେ ସଂକୀର୍ଣ୍ଣ । ଶିକ୍ଷାର୍ଥୀର ଶିକ୍ଷଣକୁ ନିଶ୍ଚିତ କରିବା ପାଇଁ ଅନ୍ୟ ବହୁତ ଉପାୟ ଅଛି । ସେହିସବୁ ପଦ୍ଧତିକୁ ବୁଝିବାକୁ ହେଲେ, ଆପଣଙ୍କୁ ମାପନ, ମୂଲ୍ୟାଙ୍କନ ଏବଂ ଆକଳନ ବିଷୟରେ ସ୍ପଷ୍ଟ ଭାବେ ବୁଝିବାକୁ ପଡିବ ।

## ୧୩.୨.୧ ମାପନ, ଆକଳନ ଏବଂ ମୂଲ୍ୟାଙ୍କନ

ମାପନ : ଆପଣଙ୍କର ଦୈନନ୍ଦିନ ଜୀବନରେ ଏବଂ ଶ୍ରେଣୀଗୃହ ପରିସ୍ଥିତିରେ ଆପଣଙ୍କ ମାପନ ବିଷୟରେ ଅଧିକ ପରିଚିତ ଅଟନ୍ତି । ସାଧାରଣତଃ ଆପଣ ପ୍ରଶ୍ନ ପଚାରନ୍ତି ଯଥା:- ସମ୍ବିତ୍ ର ବୟସ କେତେ ? ସୀମାର ଉଚ୍ଚତା କେତେ ? ରହିମ୍‌ର ଓଜନ କେତେ ? ଶ୍ରେଣୀଗୃହର କ୍ଷେତ୍ରଫଳ କେତେ ? ତୁମ କଲମର ମୂଲ୍ୟ କେତେ ? ତୁମେ ରହୁଥିବା ସ୍ଥାନର ଆଜିର ତାପମାତ୍ରା କେତେ ? ଇତ୍ୟାଦି । ଉପରୋକ୍ତ ପ୍ରଶ୍ନରେ ଆପଣ ବୟସ, ଉଚ୍ଚତା, କ୍ଷେତ୍ରଫଳ, ମୂଲ୍ୟ ଏବଂ ଡିଗ୍ରୀ ବିଷୟରେ ଯାହା ଜାଣିବାକୁ ଚାହୁଁଥିଲେ ସେଗୁଡିକ ସବୁ ପରିମାଣରେ ପ୍ରକାଶିତ । ଉଦାହରଣ ସ୍ୱରୂପ - ସମ୍ବିତର ବୟସ ୧୫ ବର୍ଷ । ସୀମାର ଉଚ୍ଚତା ୧.୮ ମିଟର । ରହିମର ଓଜନ ୩୫ । ୩୫ କିଲୋଗ୍ରାମ ଓଜନ କ'ଣ ବୁଝାଏ ?

ଏଠାରେ ଦୁଇଟି ଦିଗ କଥା ମନେରଖିବାକୁ ହୁଏ ଯେତେବେଳେ ଆମେ କୌଣସି ଭୌତିକ ଜିନିଷର ମାପନ କରିଥାଉ ଯେମିତି ରହିମର ଓଜନ ଗୋଟିଏ ସଂଖ୍ୟା (୩୫) ଏବଂ ଓଜନ ମାପିବାର ଏକକ କିଲୋଗ୍ରାମ । ଆମେ କଣ ଓଜନକୁ ଏ ଦୁଇଟି ମଧ୍ୟରୁ ଯେକୌଣସି ଗୋଟିଏରେ ମାପିପାରିବା ? ନା, ଆମେ ମାପିପାରିବା ନାହିଁ - ଉକ୍ତି ଯେପରି ଓଜନ ୩୫ ଅଟେ କିମ୍ବା ଓଜନ କିଲୋଗ୍ରାମ ଅଟେ - ଯାହା ଅର୍ଥପୂର୍ଣ୍ଣ ନୁହେଁ । ସରଳ ଭାଷାରେ କୌଣସି ମାପନ କହିଲେ କୌଣସି ଅବସ୍ଥା (ବୟସ, ଉଚ୍ଚତା, ଓଜନ ଲମ୍ୱ, ସମୟ) ପରିମାଣରେ ପ୍ରକାଶିତ ହୁଏ ଏବଂ ପରିମାଣକୁ ମାପନର ଏକକରେ ପ୍ରକାଶିତ କରାଯାଏ । ଯେପରି ବୟସ ପାଇଁ ବର୍ଷ, ଓଜନକୁ ଗ୍ରାମ ଓ କିଲୋଗ୍ରାମ, ଉଚ୍ଚତା ଓ ଲମ୍ୱ ମାପିବା ପାଇଁ ମିଟର, ସମୟକୁ ଘଣ୍ଟା /ମିନିଟ/ ସେକେଣ୍ଡ ଇତ୍ୟାଦିରେ ମପାଯାଏ । ଅନ୍ୟ ଶବ୍ଦରେ ମାପନ ଏକ ବସ୍ତୁର କୌଣସି ଦିଗ କିମ୍ବା ଗୁଣାବଳୀର ବର୍ଣ୍ଣନାକୁ ବୁଝାଏ କିମ୍ବା ପ୍ରକ୍ରିୟାର ଏକ ନିର୍ଦ୍ଦିଷ୍ଟ ପରିମାଣକୁ ବୁଝାଏ । ମାପନ ହେଉଛି ଗୋଟିଏ ବସ୍ତୁର ଏକ ଦିଗ କିମ୍ବା ପ୍ରକ୍ରିୟାର ପରିମାଣାତ୍ମକ ବର୍ଣ୍ଣନା ।

**ଶିକ୍ଷଣ କାର୍ଯ୍ୟ - ୧**

ଯେତେ ପାର ସେତେ ବସ୍ତୁଗୁଡିକର ତାଲିକା ପ୍ରସ୍ତୁତ କର । ମାପନ ଯନ୍ତ୍ର ବା ବସ୍ତୁର ନାମ ଲେଖ ଏବଂ ପ୍ରତି ବସ୍ତୁ ପାଇଁ ମାପନର ଏକକକୁ ଲେଖ । ଆପଣଙ୍କୁ ଗୋଟିଏ ଉଦାହରଣ ଲେଖି ଦିଆଯାଇଛି ।

| କ୍ରମିକ ନଂ | ବସ୍ତୁର ନାମ | ସମ୍ଭାବ୍ୟ ମାପିବା ଯନ୍ତ୍ର | ମାପନର ଏକକ |
|---|---|---|---|
| ୧ | ଚାଉଳର ଓଜନ | ଓଜନ ମେସିନ | କିଲୋଗ୍ରାମ |

ସାଧାରଣତଃ, କେତେକ ମାନକ ଯନ୍ତ୍ର କିମ୍ବା ସ୍କେଲକୁ ଏକ ବସ୍ତୁର ଯେକୌଣସି ଦିଗକୁ ମାପିବାରେ ବ୍ୟବହାର କରାଯାଏ । ଯେତେବେଳେ ଆପଣ ଏକ ଶ୍ରେଣୀଗୃହର ଲମ୍ବକୁ ମାପ, ସେତେବେଳେ ଏକ ମିଟର ସ୍କେଲରେ ଆପଣ ମାପିଥାନ୍ତି ଏବଂ ୪ ମିଟର ବୋଲି ପ୍ରକାଶ କରନ୍ତି । ଗୋଟିଏ ମିଟରର ଲମ୍ବକୁ ଏକ ନିର୍ଦ୍ଦିଷ୍ଟ ପରିମାଣରେ ସ୍ଥିରିକୃତ ଯାହା ସମଗ୍ର ବିଶ୍ୱ ପାଇଁ ସମାନ - ଏହା ଏକ ମାନକ ସ୍କେଲ (କିମ୍ବା ଏକକ) ଲମ୍ବ ମାପିବା ପାଇଁ । ଏହି ପ୍ରକ୍ରିୟାରେ ଆପଣ ସାଧାରଣତଃ ଗୋଟିଏ ବସ୍ତୁ ସମ୍ପର୍କରେ ତଥ୍ୟ ସଂଗ୍ରହ କରନ୍ତି ଯେକୌଣସି ଗୋଟିଏ ଦିଗରୁ (ଉଦାହରଣ ସ୍ୱରୂପ ଗୃହର ଲମ୍ବ) ଏକ ମାନକ ସ୍କେଲ କିମ୍ବା ଏକକ (ଉଦାହରଣ – ଏକ ମାନକ ମିଟର ସ୍କେଲ) ମାଧ୍ୟମରେ ତୁଳନା ଲାଭ (କିମ୍ବା କ୍ଷତି) କିମ୍ବା କିଛି ସମୟଧରି କେତେ ଅଗ୍ରଗତି ହୋଇଛି ସେ ଦିଗରୁ କରାଯାଇଥାଏ । ଉଚ୍ଚତାରେ ବୃଦ୍ଧି, ଓଜନରେ ହ୍ରାସ ଦୁଇବର୍ଷ ମଧ୍ୟରେ କାରର ବେଗର ବୃଦ୍ଧି ଏହିପରି ତୁଳନା କରିବାର ଉଦାହରଣ ଅଟେ ଯାହାକୁ ମଧ୍ୟ ପରବର୍ତ୍ତୀ ସମୟରେ ମପାଯାଇଥାଏ । ଭୌତିକ ଦିଗର ମାପନରେ ଦୁଇଟି ନମ୍ବରର ହାରରେ ତୁଳନା କରାଯାଇଥାଏ, (ସମୟ କିମ୍ବା କେତେକ ଅଂଶ) ଯେତେବେଳେ ଆମେ ଦୁଇଟି ସମାନ ବସ୍ତୁର ସମାନ ଗୋଟିଏ ଦିଗରୁ ତୁଳନା କରିଥାଉ ଫଳାଫଳରେ ସେହି ସମାନ ଗୁଣାବଳୀର ମାପକୁ ବହୁତ ପ୍ରକାରରେ ପ୍ରକାଶ କରାଯାଇଥାଏ । ଉଦାହରଣ ସ୍ୱରୂପ - ୧୨ ମିଟର ଲମ୍ବା ୬ ମିଟର ଲମ୍ବାର ଦୁଇଗୁଣ କିମ୍ବା ବିପରୀତରେ ୬ ମିଟର ଲମ୍ବା ୧୨ ମିଟର ଲମ୍ବର ଅଧା ଅଟେ ।

ଉପରୋକ୍ତ ସମସ୍ତ ଉଦାହରଣ ମାପନର ଭୌତିକ ଦିଗ ସହିତ ସମ୍ପର୍କୀତ କିମ୍ବା ଦେଖିପାରୁଥିବା, ଛୁଇଁପାରୁଥିବା ଓ ଅନୁଭବ କରିପାରୁଥିବା ପ୍ରକ୍ରିୟା ସହିତ ଜଡିତ ଏବଂ ପରିମାଣରେ ପ୍ରକାଶିତ । କିନ୍ତୁ ଆମେ ମାନବିକ ଗୁଣାବଳୀଗୁଡିକ ଯଥା - ପରିଷ୍କାର ପରିଚ୍ଛନ୍ନତା, ବ୍ୟକ୍ତିତ୍ୱ, ସାଧୁତା, ମନୋବୃତ୍ତି ଇତ୍ୟାଦିକୁ କିପରି ମାପିପାରିବା ? ବିଭିନ୍ନ ମାନବିକ ଗୁଣାବଳୀକୁ ମାପିବା ପାଇଁ ଅନେକ ପଦ୍ଧତି ବିକଶିତ ହୋଇଛି ।

ଜଣେ ଶିକ୍ଷକ କିମ୍ବା ଜଣେ ଅଭିଭାବକ ହିସାବରେ ଆମେ ଆମ ପିଲାମାନେ ବିଦ୍ୟାଳୟରେ ଛଅ ମାସ ମଧ୍ୟରେ ଗୋଟିଏ ଶ୍ରେଣୀରେ ପଢି କେତେ ଶିଖିଛନ୍ତି, କେତେ ବୁଝୁଛନ୍ତି ଓ କେତେ ଅନୁଭୂତି ସମ୍ପନ୍ନ ହୋଇଛନ୍ତି ତାହା ଜାଣିବାକୁ ଚାହିଁଥାଉ । ଅନ୍ୟକଥାରେ କହିଲେ ଆମେ ଶିକ୍ଷଣଗତ ବୃଦ୍ଧି ଯାହାକୁ ଶିକ୍ଷଣ ଉପଲବ୍ଧି ବା କେବଳ ଉପଲବ୍ଧି କୁହାଯାଏ ସେହି ବିଷୟରେ ଜାଣିବାକୁ ଚାହିଁଥାଉ । କିଛି ସମୟ ବ୍ୟବଧାନରେ ଶିକ୍ଷଣରେ ହୋଇଥିବା ବୃଦ୍ଧିକୁ କିପରି ମପାଯାଇପାରିବ ।

ଗୋଟିଏ ବିଦ୍ୟାଳୟରେ ଅଧ୍ୟୟନରତ ଶିକ୍ଷାର୍ଥୀଙ୍କର ଶିକ୍ଷଣ ଉପଲବ୍ଧି ମାପିବା ପାଇଁ ଆମେ, ଶିକ୍ଷକ ହିସାବରେ ସେମାନଙ୍କୁ ମୌଖିକ ଓ ଲିଖିତ ପ୍ରଶ୍ନର ଉତ୍ତର ଦେବାକୁ କହିଥାଉ । ପରୀକ୍ଷାରେ ଗୋଟିଏ ବିଷୟର ପ୍ରତ୍ୟେକ ଶ୍ରେଣୀ ପାଇଁ ପ୍ରଶ୍ନପତ୍ରକୁ ଏକ ସଙ୍ଗଠିତ ଉପାୟରେ ବାର୍ଷିକ ଓ ଅର୍ଦ୍ଧବାର୍ଷିକ (ଷାଣ୍ମାଷିକ) ପାଇଁ ପ୍ରସ୍ତୁତ କରାଯାଇଥାଏ । ଯାହାକୁ ବିଦ୍ୟାଳୟ ପରୀକ୍ଷଣ କୁହାଯାଏ । ଗୋଟିଏ ପରୀକ୍ଷଣ ଯାହା ଶିକ୍ଷଣ ଉପଲବ୍ଧିର ମାତ୍ରା ମାପିବା ପାଇଁ ପ୍ରସ୍ତୁତ କରାଯାଇଥାଏ । ତାହାକୁ ଉପଲବ୍ଧି ପରୀକ୍ଷଣ କୁହାଯାଏ । ଗୋଟିଏ ଶିକ୍ଷାର୍ଥୀ ଦେଇଥିବା ପ୍ରଶ୍ନର ଉତ୍ତର ଦେଖି ନମ୍ବର ଦେବା ସମୟରେ କିମ୍ବା ପ୍ରତି ପ୍ରଶ୍ନର ଉତ୍ତର ଅନୁଯାୟୀ ଉପଯୁକ୍ତ ନମ୍ବର ଦେବା ସମୟରେ ଏବଂ ତତ୍‌ପରେ ସମସ୍ତ ମାର୍କକୁ ମିଶାଇଲେ ଜଣେ ଶିକ୍ଷାର୍ଥୀ ପରୀକ୍ଷାରେ ଗୋଟିଏ ନିର୍ଦ୍ଦିଷ୍ଟ ବିଷୟରେ ରଖିଥିବା ମୋଟ ନମ୍ବର ଆମେ ପାଇଥାଉ ଯାହା ଶିକ୍ଷାର୍ଥୀର ଉପଲବ୍ଧିର ମାପନ କରିଥାଏ । ଉଦାହରଣ ସ୍ୱରୂପ - ମନେକରାଯାଉ ଜବା ଅଷ୍ଟମ ଶ୍ରେଣୀର ଜଣେ ଛାତ୍ରୀ ଷାଣ୍ମାସିକ ପରୀକ୍ଷାରେ ବିଜ୍ଞାନରେ ୧୦୦ ନମ୍ବରରୁ ୪୦ ନମ୍ବର ରଖିଲା । ତାର ଉପଲବ୍ଧି (ସେ ଯାହା ଶିଖିଲା) ୧୦୦ ସ୍କେଲରେ ମପାଯାଇ

ଟିପ୍ପଣୀ

କୁହାଗଲା ୪୦ । ଅନ୍ୟ ଶବ୍ଦରେ କହିଲେ, ଯଦି ଆମେ ଦେଖିବା ଏହି ଶିକ୍ଷା ବର୍ଷରେ ବିଜ୍ଞାନରେ ପଢାଯାଇଥିବା ସମସ୍ତ ପ୍ରତ୍ୟୟ (ଧାରଣା)କୁ ୧୦୦ ଧରିବା, ଜବା ୪୦ ପର୍ଯ୍ୟନ୍ତ ଠିକ ଉତ୍ତର ଦେଇଛି । ଯଦି ବାର୍ଷିକ ପରୀକ୍ଷାରେ ସେ ୮୦ ନମ୍ବର ସେହି ବିଜ୍ଞାନରେ ରଖିବ, ତେବେ ଆମେ କହିବା ଯେ ବିଜ୍ଞାନ ବିଷୟ ଉପଲବ୍ଧି ସ୍ତରରେ ଉନ୍ନତି ହୋଇଛି ।

ଆଗକୁ ଯିବା ପୂର୍ବରୁ, ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଦିଅ ।

---

E-1 : ଯଦି ସୁମନ ଗୋଟିଏ ଉପଲବ୍ଧି ପରୀକ୍ଷଣରେ ଶତକଡା ୨୫ନମ୍ବରରୁ ୧୫ ନମ୍ବର ରଖିଲା ଏବଂ ମାସକ ପରେ ସେ ପୁନର୍ବାର ପରୀକ୍ଷା ଦିଏ , ସେ କଣ ଅଧିକ ନମ୍ବର ରଖିବ ? କାହିଁକି ?

---

ଏହି ପ୍ରକାରରେ ଆମେ କହିପାରିବା ଶିକ୍ଷାରେ ମାପନ, ଭୌତିକ ପଦାର୍ଥର ମାନ ସହିତ ସମାନ, ବା ଇପ୍ସିତ ଦିଗକୁ ସଂଖ୍ୟାରେ ପ୍ରକାଶ କରିବାର ଉପାୟକୁ ମାପନ କୁହାଯାଏ । କିନ୍ତୁ ଭୌତିକ ମାପନର ତୁଳନା ସହିତ ନମ୍ବରର ତୁଳନା ଅନୁପାତରେ କରାଯାଇ ପାରିବ ନାହିଁ । ଉପରୋକ୍ତ ଉଦାହରଣରେ, ଆମେ କହିପାରିବା ନାହିଁ ଯେ ବାର୍ଷିକ ପରୀକ୍ଷାରେ ବିଜ୍ଞାନରେ ଜବା ର ଲବ୍ଧାଙ୍କ ଷାଣ୍ମାସିକ ପରୀକ୍ଷାର ଉପଲବ୍ଧିର ଦୁଇ ଗୁଣା ସେହିପରି ଜୀବନ ଏବଂ ଜୀନତ ପଞ୍ଚମ ଶ୍ରେଣୀରେ ପଢୁଥିବା ଦୁଇ ଶିକ୍ଷାର୍ଥୀ ଯଥାକ୍ରମେ ୫୦ ଓ ୭୫ ନମ୍ବର ଗଣିତରେ ରଖନ୍ତି । ତେବେ ସେହି ବିଷୟରେ ଜୀବନର ଉପଲବ୍ଧି ଜୀନତର ଉପଲବ୍ଧିର ଦୁଇ ତୃତୀୟାଂଶ ଏହା କହିବା ଭୁଲ ହୋଇପାରେ । ଆମେ ଏହା କହିପାରିବା ଯେ, ଗଣିତରେ ଜୀନତର ଉପଲବ୍ଧି / କୃତିତ୍ୱ ଜୀବନର କୃତିତ୍ୱ ଅପେକ୍ଷା ଅଧିକ ଭଲ ।

ଆହୁରି ଯେତେବେଳେ ଜଣେ ଶିକ୍ଷାର୍ଥୀ କୌଣସି ବିଷୟରେ ଅତିକମରେ ଶୂନ ନମ୍ବର ରଖେ ଓ ଅତିବେଶୀରେ ୧୦୦ ନମ୍ବର ରଖେ, ଆମେ ଭାବିବା ନାହିଁ ଯେ ଶିକ୍ଷାର୍ଥୀଜଣକ କିଛି ଜାଣିନାହିଁ ବୋଲି (ଶୂନ ରଖିବା ବେଳେ) କିମ୍ବା ସେହି ବିଷୟରେ ୧୦୦ ରଖିବା ବେଳେ ସେହି ବିଷୟରେ ସବୁ ଜାଣିଛି ବୋଲି । ଆମେ କେବଳ କହିପାରିବା ଯେ ପ୍ରଥମ ପରିସ୍ଥିତିରେ ଉପଲବ୍ଧି ଖରାପ ଏବଂ ଦ୍ୱିତୀୟ ପରିସ୍ଥିତିରେ ଏହା ଅତ୍ୟନ୍ତ ଭଲ ବୋଲି । ନମ୍ବର ଅନୁଯାୟୀ ଆମେ ଗୁଣାତ୍ମକ ମନ୍ତବ୍ୟ ଶିକ୍ଷାର୍ଥୀଙ୍କ ଉପଲବ୍ଧି ଉପରେ ଦେଇପାରିବା ଯଥା: ଖରାପ, (ସାଧାରଣ) ଭଲ ଇତ୍ୟାଦି ଯାହା ସବୁବେଳେ ମଧ୍ୟ ଠିକ ନୁହେଁ । ଯଦି ଜଣେ ଅଷ୍ଟମଶ୍ରେଣୀର ଶିକ୍ଷାର୍ଥୀ ଭାଷାରେ ୭୫ ନମ୍ବର ରଖିଥାଏ, ତେବେ ସେ ପାଠ ବହି ବ୍ୟତୀତ ଅନ୍ୟ ବହି ପଢିବାକୁ ଭଲପାଏ ବୋଲି କୁହାଯାଇପାରିବ ନାହିଁ , ଶ୍ରେଣୀରେ ଭାଷା ପଢାହୋଇଥିବା ସମୟର ଅଧିକ ଉତ୍ତର ଦେଇଥାଏ ବୋଲି କୁହାଯାଇପାରିବ ନାହିଁ, ଭାଷା ଶିକ୍ଷଣ କାର୍ଯ୍ୟରେ ସକ୍ରିୟ ଅଂଶ ଗ୍ରହଣ କରେ ବୋଲି ଏବଂ ଏହିପରି ଅନ୍ୟ ଗୁଣାବଳୀ ସମ୍ପର୍କରେ କୁହାଯାଇପାରେ ନାହିଁ । ଏହିପରି ଗୁଣାବଳୀ ଯେଉଁଗୁଡିକ କି ଶିକ୍ଷଣର ସୂଚକ ଅଟେ ସେଗୁଡିକୁ ନମ୍ବରରେ ପ୍ରକାଶ କରାଯାଇନପାରି ଉକ୍ତିରେ ପ୍ରକାଶ କରାଯାଏ । ଜବାର ବିଜ୍ଞାନ ଉପଲବ୍ଧିକୁ ଦୃଷ୍ଟିରେ ରଖି ନିମ୍ନ ଲିଖିତ ପ୍ରଶ୍ନର ଉତ୍ତର ଦିଅ ।

---

E-2 : ବିଜ୍ଞାନରେ ଜବା ରଖିଥିବା ନମ୍ବର ସହିତ ତାର ଅଗ୍ରଗତିକୁ ଆକଳନ କରିବା ନିମନ୍ତେ ତିନୋଟି ଶିକ୍ଷଣ ସୂଚକ ଲେଖ ।

---



ଟିପ୍ପଣୀ

## ଆକଳନ :

ଆପଣ ଯେତେବେଳେ ଆପଣଙ୍କର ନିଜର ପୋଷାକ କିଣିବା ପାଇଁ ଯାଆନ୍ତି ସାଧାରଣତଃ କ'ଣ କରିଥାନ୍ତି ? ଆପଣ ଅନେକ ପୋଷାକକୁ ପରୀକ୍ଷା କରିଥାନ୍ତି ଏବଂ ସେଗୁଡିକୁ ବିଭିନ୍ନ କୋଣରୁ ଯଥା:- ଆକାର, ରଙ୍ଗ, ମାର୍କା (ବ୍ରାଣ୍ଡ), ମୂଲ୍ୟ, ଦୀର୍ଘତା ଏବଂ ନିଜର ଦରକାର । ଆବଶ୍ୟକତା ଅନୁଯାୟୀ ଉପଯୋଗିତା ଦୃଷ୍ଟିରୁ ତୁଳନା କରନ୍ତି । ଆପଣ ନିଜର ଆବଶ୍ୟକତା ଅନୁଯାୟୀ ଗୋଟିଏ ଚୟନ କରିଥାନ୍ତି । ସେହିପରି ଯଦି ପ୍ରକୃତରେ ଆପଣ ପିଲାଟିର ଗୋଟିଏ ବିଷୟରେ ଉପଲବ୍ଧିକୁ ମାପିବାକୁ ଚାହାନ୍ତି, ମନେ କରାଯାଉ ପରିବେଶ ଶିକ୍ଷାରେ ଗୋଟିଏ ପ୍ରସଙ୍ଗର ଶେଷରେ କିମ୍ବା ସମସ୍ତ ପ୍ରସଙ୍ଗ ପଢା ସରିବା ପରେ, ଆପଣ ଶିକ୍ଷାର୍ଥୀର ଉପଲବ୍ଧିକୁ ନମ୍ବରରେ ମାପିବା ପାଇଁ ଗୋଟିଏ ପରୀକ୍ଷା କରିପାରନ୍ତି, କିମ୍ବା  ଶିକ୍ଷାର୍ଥୀକୁ ନ୍ୟସ୍ତ କାର୍ଯ୍ୟ କିମ୍ବା ପ୍ରକଳ୍ପ କାର୍ଯ୍ୟ ଦେଇପାରନ୍ତି, ଶ୍ରେଣୀଗୃହ ଭିତରେ ଓ ବାହାରେ ପରିବେଶ ଶିକ୍ଷା ପ୍ରତ୍ୟୟ (ଧାରଣା) ସମ୍ପର୍କୀତ ବୁଝାମଣା ଓ ପ୍ରୟୋଗକୁ ନେଇ ଶିକ୍ଷାର୍ଥୀର କାର୍ଯ୍ୟକଳାପକୁ ପର୍ଯ୍ୟବେକ୍ଷଣ (ଅବଲୋକନ) କରିପାରିନ୍ତି । ପରିବେଶ ଶିକ୍ଷାର ଶିକ୍ଷଣର ଅଥବା ଉପଲବ୍ଧିର ଆକଳନ, ଏହିପରି ପରିବେଶ ଶିକ୍ଷାର ସମସ୍ତ ପ୍ରତ୍ୟୟ ସମ୍ପର୍କୀତ ସମ୍ଭାବ୍ୟ ସଂଗୃହୀତ ତଥ୍ୟ ଓ ଘଟଣାବଳୀ ଉପରେ ପର୍ଯ୍ୟବେସିତ । ଏହି ତଥ୍ୟଗୁଡିକ ସଂଖ୍ୟା ଅଥବା ପରିମାଣାତ୍ମକ ଯେପରି ନମ୍ବର କିମ୍ବା ସ୍କୋର (score) ରେ ଏବଂ ଗୁଣାତ୍ମକ ତଥ୍ୟ ଯେପରି ଧାରଣାଗୁଡିକର ଶିକ୍ଷଣରେ ଆଗ୍ରହ, ଆହରଣ କରିଥିବା ଧାରଣା ଉପରେ ମତାମତ ବା ଯୁକ୍ତିତର୍କ କରିବାର ସାମର୍ଥ୍ୟ ବିଷୟଭିତ୍ତିକ ଶିକ୍ଷଣ କାର୍ଯ୍ୟରେ ସମ୍ପୃକ୍ତି ଏବଂ ଶିକ୍ଷାର୍ଥୀର ଏହିପରି ଅନେକ ଗୁଣାବଳୀ ଗୁଡିକ ଯାହା ଧାରଣା ସମ୍ପର୍କୀତ ସମ୍ଭାବ୍ୟ ଶିକ୍ଷଣ ଫଳାଫଳ ଅଟେ । ଆପଣ ଭଲଭାବେ ଜାଣିପାରୁଥିବେ ଯେ ଆକଳନ ମାପନ ଠାରୁ ଅଧିକ ବିସ୍ତୃତ / ବ୍ୟାପକ କାରଣ ମାପନ କେବଳ ସଂଖ୍ୟା ବା ପରିମାଣାତ୍ମକ ତଥ୍ୟ ଭିତରେ ସୀମିତ । ପରିମାଣ ବା ସାଂଖ୍ୟିକ ନମ୍ବରକୁ ଅନ୍ତର୍ଭୁକ୍ତ କରିବା ସହିତ ଆକଳନ ଶିକ୍ଷଣର ଗୁଣାତ୍ମକ ଦିଗ ସମ୍ପର୍କୀତ ତଥ୍ୟ ଉପରେ ପର୍ଯ୍ୟବେସିତ । ଶିକ୍ଷଣର ଆକଳନ ନିମନ୍ତେ ସୂଚନା କିମ୍ବା ତଥ୍ୟ ବିଭିନ୍ନ ଉତ୍ସରୁ ବିଭିନ୍ନ ସାଧନୀ ଏବଂ ପ୍ରକ୍ରିୟା ଯେପରି ଉପଲବ୍ଧି ପରୀକ୍ଷଣ, ଅନ୍ୟାନ୍ୟ ଓ ଶ୍ରେଣୀଗୃହ କାର୍ଯ୍ୟକଳାପରେ ଶିକ୍ଷାର୍ଥୀଙ୍କ ଅଂଶଗ୍ରହଣର ସ୍ତର, ଶିକ୍ଷାର୍ଥୀର ପ୍ରକଳ୍ପ କାର୍ଯ୍ୟରେ କାର୍ଯ୍ୟଦକ୍ଷତା ଏବଂ ଅନ୍ୟ ନ୍ୟସ୍ତକାର୍ଯ୍ୟ ଏବଂ ଅନ୍ୟ ବିଭିନ୍ନ ପରିସ୍ଥିତି ଯେଉଁଠି ଶିକ୍ଷାର୍ଥୀ ତା'ର ଶିକ୍ଷଣଗତ ଉପଲବ୍ଧିକୁ ପ୍ରଦର୍ଶନ କରିଥାନ୍ତି ଇତ୍ୟାଦିକୁ ବ୍ୟବହାର କରି ସଂଗୃହୀତ କରାଯାଇପାରିବ । ଏକଥା ମନେ ରଖିବା ଉଚିତ ଯେ କେବଳ ଗୋଟିଏ ପରୀକ୍ଷଣରୁ ଏବଂ ଗୋଟିଏ ପ୍ରକାର ଉତ୍ସରୁ ସଂଗୃହୀତ ତଥ୍ୟ ଶିକ୍ଷାର୍ଥୀର ଶିକ୍ଷଣ ଆକଳନକୁ ସମ୍ପୂର୍ଣ୍ଣ କରିନଥାଏ ଏବଂ ଏହି ଏକକର ୧୩.୫ରେ ଏହି ବିଷୟରେ ବିସ୍ତୃତ ଭାବେ ଆଲୋଚନା କରାଯାଇଛି ।

ସଦାସର୍ବଦା ଶିକ୍ଷଣର ଆକଳନ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ରଖି କରାଯାଇଥାଏ । ଯଦିଓ ବିଦ୍ୟାଳୟ ଶିକ୍ଷାରେ, ସମସ୍ତ ଆକଳନ ଶିକ୍ଷାର୍ଥୀର ଶିକ୍ଷଣରେ ଉନ୍ନତି ପାଇଁ ଲକ୍ଷ୍ୟ ରଖିଥାଏ, କିନ୍ତୁ ପ୍ରତ୍ୟେକ ଆକଳନ ଶିକ୍ଷକ ଶିକ୍ଷାଦାନ କଲାବେଳେ ସମ୍ମୁଖୀନ ହେଇଥିବା ଶିକ୍ଷଣ ସମସ୍ୟା ସମ୍ପର୍କୀତ ଉଦ୍ଦେଶ୍ୟରେ କରାଯାଇଥାଏ । ଉଦାହରଣ ସ୍ୱରୂପ - ପଞ୍ଚମ ଶ୍ରେଣୀରେ ଶିକ୍ଷାର୍ଥୀଙ୍କର ମାତୃଭାଷାରେ ବନାନ ଅଶୁଦ୍ଧି , ଦୁଇ ଓ ତିନି ଅଙ୍କ ବିଶିଷ୍ଟ ସଂଖ୍ୟାର ଧାର ଦେଇ ଯୋଗଫଳ  ନିର୍ଣ୍ଣୟ କରିବାରେ, ଭୁଲ ପଠନ ଶୈଳୀ, ଓ ଫୁଲର ବିଭିନ୍ନ ଅଂଶକୁ ଭୁଲ ଉପାୟରେ ପର୍ଯ୍ୟବେକ୍ଷଣ କରିବାରେ ।

ତେଣୁ ଏହା କୁହାଯାଇପାରେ ଯେ, ଆକଳନ ଏକ ନିର୍ଦ୍ଦିଷ୍ଟ ସମସ୍ୟା ଆଧାରିତ ପରିମାଣାତ୍ମକ ଓ ଗୁଣାତ୍ମକ ସୂଚନା ସଂଗ୍ରହ ଉପରେ ନିର୍ଭର କରେ ଯାହା ଶିକ୍ଷଣକୁ ପର୍ଯ୍ୟାୟକ୍ରମେ ଉନ୍ନତ କରିଥାଏ ।

ଟିପ୍ପଣୀ

## ମୂଲ୍ୟାୟନ:

ଆମେ ନିଜ ଜୀବନରେ ଅନେକ ସମସ୍ୟା ଉପରେ ବିଚାର କରି ନିର୍ଣ୍ଣୟ କରିଥାଉ । ଆସନ୍ତୁ ଏକ ସରଳ ଉଦାହରଣ ସ୍ୱରୂପ ଗାଧୋଇବା ପାଇଁ ସାବୁନ କିଣିବା କଥା ଚିନ୍ତା କରିବା । ବଜାରରେ ମିଳୁଥିବା ଅନେକ ବ୍ରାଣ୍ଡର ଗାଧୋଇବା ସାବୁନ ମଧ୍ୟରୁ, ଆପଣଙ୍କୁ ଯାହା ସବୁଠାରୁ ଭଲ ଉପାଦେୟ ହେବ ସେହି ଗୋଟିଏକୁ ବାଛିବାକୁ ହେବ । ସମ୍ଭବତଃ ଆପଣ ଅନେକ ପ୍ରଶ୍ନ ପଚାରିପାରନ୍ତି ଯେପରି, ଏହା କଣ ବ୍ୟବହାର କରିବା ପାଇଁ ନରମ / କୋମଳ ଅଟେ କି ? ଏଥିରେ କ'ଣ ଚର୍ମରୁ ମଳି ଛଡେଇବା ପାଇଁ ଅଧିକ ଫେଣ ପ୍ରସ୍ତୁତ ହେବ କି ? ଏହାର ଗନ୍ଧ ଆନନ୍ଦଦାୟକ କି ? ଏହାର ଦାମ୍ ମୋ ପାଇଁ ଶସ୍ତା କି ? ଏବଂ ଏହିପରି ଅନେକ ପ୍ରଶ୍ନ । ଏ ସମସ୍ତ ପ୍ରଶ୍ନର ଉତ୍ତର ପାଇବା ପରେ, ଆପଣ ଶେଷରେ ବିଚାର କରିବେ ଯେ ତାହା ଆପଣଙ୍କ ପାଇଁ ଉପଯୁକ୍ତ କି ନୁହେଁ । ଆପଣ କହିପାରନ୍ତି, "ଏହା ମୋ ପାଇଁ ସବୁ ଦିଗରୁ ଉପଯୁକ୍ତ" , "ଏହା ଭଲ ବାସୁଛି", "ମୁଁ ଏହାକୁ ବରଦାସ୍ତ କରିପାରିବି ନାହିଁ" ଏବଂ ଏହିପରି । ଉପାଦେୟତା ଦୃଷ୍ଟିକୋଣରୁ ଆପଣ ଗୋଧୋଇବା ସାବୁନ ଉପରେ ବିଚାର କରୁଛନ୍ତି । ଜିନିଷ ସମ୍ପର୍କରେ ମିଳୁଥିବା ସୂଚନାକୁ ଆଧାର କରି ଆପଣ ବିଚାର କରୁଛନ୍ତି । ଆପଣ ଯେଉଁ ସାବୁନଟିକୁ କିଣିବାକୁ ଯାଉଛନ୍ତି ତାହାର ମୂଲ୍ୟାୟନରେ ନିୟୋଜିତ ଅଛନ୍ତି ।

ସେହିପରି, ଆପଣ ଯେତେବେଳେ ଜଣେ ଶିକ୍ଷାର୍ଥୀର ଶିକ୍ଷଣ ଅଗ୍ରଗତିକୁ ମୂଲ୍ୟାୟନ କରିବାକୁ ଯାଉଛନ୍ତି, ଶିକ୍ଷଣ ସମ୍ପର୍କୀତ ସମସ୍ତ ଦିଗକୁ ବିଚାରକୁ ନେବା ଆବଶ୍ୟକ । ଶିକ୍ଷାର୍ଥୀର ଶିକ୍ଷଣ ସମ୍ପର୍କୀତ ସମସ୍ତ ସମ୍ଭାବ୍ୟ ତଥ୍ୟ / ସୂଚନା ଉଭୟ ପରିମାଣାତ୍ମକ ଓ ଗୁଣାତ୍ମକ ତଥ୍ୟ ଉପଯୁକ୍ତ ଭାବେ ସଂଗୃହୀତ ଏବଂ ଶିକ୍ଷାର୍ଥୀର ଶିକ୍ଷଣ ଅଗ୍ରଗତି ଉପରେ ବିଚାର କରିବା ପୂର୍ବରୁ ଯତ୍ନର ସହିତ ବିଶ୍ଳେଷଣ ହେବା ଅତ୍ୟାବଶ୍ୟକ । ଉପରୋକ୍ତ ଆଲୋଚନାରୁ ସଂକ୍ଷେପରେ ମୂଲ୍ୟାୟନର ଧାରଣାକୁ ବାକ୍ସ ୧୩.୧ରେ ଦର୍ଶାଯାଇଛି ।

| |
|---|
| ପରିମାଣାତ୍ମକ ସୂଚନା ଏବଂ / କିମ୍ବା ଗୁଣାତ୍ମକ ସୂଚନା + ମୂଲ୍ୟବୋଧ ବିଚାର = ମୂଲ୍ୟାୟନ<br>(ପରୀକ୍ଷଣରୁ ସଂଗୃହୀତ), (ପର୍ଯ୍ୟବେକ୍ଷଣ ବ୍ୟବହାରର ବିଶ୍ଳେଷଣ, କୃତି ମୂଲ୍ୟାୟନ ପ୍ରକଳ୍ପ କାର୍ଯ୍ୟଦ୍ୱାରା ସଂଗୃହୀତ) |

ବର୍ତ୍ତମାନ ଶ୍ରେଣୀଗୃହ ଶିକ୍ଷଣକୁ ବିଚାର କରି, ଆକଳନ ଓ ମୂଲ୍ୟାୟନ କେଉଁ କେଉଁ ଦିଗରୁ ସମାନ ଓ ଭିନ୍ନ ?

- ଆକଳନ ହେଉଛି ତଥ୍ୟ ସଂଗ୍ରହ ଏବଂ ବିଭିନ୍ନ ସାଧନୀ ମାଧ୍ୟମରେ ବିଭିନ୍ନ ଉତ୍ସରୁ ସଂଗୃହୀତ ଘଟଣା ଗୁଡିକର ଏକତ୍ରୀକରଣ କିନ୍ତୁ ମୂଲ୍ୟାୟନ ହେଉଛି ବ୍ୟାଖ୍ୟାକରଣ, ବିଶ୍ଳେଷଣ ଓ ପ୍ରତିଫଳନ ମାଧ୍ୟମରେ ସଂଗୃହିତ ତଥ୍ୟକୁ ଅର୍ଥପୂର୍ଣ୍ଣ / ପ୍ରାସଙ୍ଗିକ କରିବା ।
- ଆକଳନ ଶିକ୍ଷାର୍ଥୀର କୃତୀତ୍ୱ ସମ୍ବନ୍ଧରେ ଶିକ୍ଷାର୍ଥୀର ସାମର୍ଥ୍ୟକୁ ଆଧାର କରି ପ୍ରତିପୁଷ୍ଟି ଦେଇଥାଏ ଏବଂ ଯେଉଁ ଦିଗଗୁଡିକ ଶିକ୍ଷାର୍ଥୀର ଶିକ୍ଷଣରେ ଉନ୍ନତି ଆଣିବାରେ ଉପଯୁକ୍ତ ପଦକ୍ଷେପ ନେବାପାଇଁ ସହଯୋଗ କରିଥାନ୍ତି ସେଗୁଡିକର ଉନ୍ନତି ଆଣିଥାଏ । ମୂଲ୍ୟାୟନ ସଂଗୃହୀତ ଘଟଣା ଉପରେ ଆଧାରିତ, କେଉଁ ସ୍ତରର ତାହା ନିର୍ଦ୍ଧାରଣ କରେ ଏବଂ ବିଫଳତା କିମ୍ବା ସଫଳତା ସ୍ତରର ମାନକ ଗୁଡିକୁ ପୂରଣ କରିଥାଏ ।
- ଏହି ଦୁଇ ପ୍ରକ୍ରିୟାରେ ବିଧିବଦ୍ଧ ନିଷ୍ପତ୍ତି ନିଆଯାଇଛି ଯେ ଶିକ୍ଷାର୍ଥୀର ଉପଲବ୍ଧି ସମ୍ବନ୍ଧୀୟ ଘଟଣାକୁ ଯତ୍ନର ସହ ପରୀକ୍ଷା କରାଯିବ, ଶିକ୍ଷଣ ପ୍ରତି ସେମାନଙ୍କର ମନୋବୃତ୍ତି ଏବଂ କିଛି ସମୟ ମଧରେ

ଟିପ୍ପଣୀ

ସେମାନଙ୍କର ବୋଧଗମ୍ୟତାକୁ ମପାଯିବ । ଏହି କାରଣରୁ ଅନେକ ସମୟରେ ଏହି ଦୁଇ ଶବ୍ଦକୁ ସମାନ ଉଦ୍ଦେଶ୍ୟରେ ବ୍ୟବହାର କରାଯାଏ । ଶିକ୍ଷାର୍ଥୀର ଶିକ୍ଷଣରେ ତଦାରଖ ଓ ସହାୟତା ପ୍ରଦାନ କରିବା ଉଦ୍ଦେଶ୍ୟରେ ଏହି ଏକକରେ (ଏଠାରେ) ଆକଳନ ଓ ମୂଲ୍ୟାୟନ ଏହି ଦୁଇ ଶବ୍ଦକୁ ପରିବର୍ତ୍ତନ କରି ବ୍ୟବହାର କରାଯାଇଛି ।

ଉପରୋକ୍ତ ଆଲୋଚନାରୁ ଆମେ ମାପନ, ଆକଳନ ଓ ମୂଲ୍ୟାୟନ ବିଷୟରେ ସଂକ୍ଷେପଣ କରିବା ଯାହା ବାକ୍ସ ୧୩.୨ ରେ ଦର୍ଶାଯାଇଛି ।

**ମାପନ** ଏକ ପ୍ରକ୍ରିୟା ଯାହା ଦ୍ୱାରା କୌଣସି ବସ୍ତୁ ବା ଘଟଣାର ବିଶେଷତ୍ୱ ବା ମାତ୍ରାକୁ ପରିମାଣରେ ଦର୍ଶାଏ ।
**ଆକଳନ** ହେଉଛି ଏକ ପ୍ରକ୍ରିୟା ଯାହା ଦ୍ୱାରା କୌଣସି ପଦାର୍ଥ ବା ଲକ୍ଷ୍ୟ ସମ୍ବନ୍ଧୀତ କିଛି ସୂଚନା ମିଳିଥାଏ ।
**ମୂଲ୍ୟାୟନ** ହେଉଛି ଏକ ବିଶିଷ୍ଟ ସମୟ ଅବଧି ମଧ୍ୟରେ କୌଣସି ଘଟଣା ସମ୍ବନ୍ଧୀୟ ସଂଗୃହୀତ ପରିମାଣାତ୍ମକ ସୂଚନା ଏବଂ ଗୁଣାତ୍ମକ ସୂଚନା ଉପରେ ମୂଲ୍ୟାୟନର ବିଚାର କରିବା ।

ମାପନ, ଆକଳନ ଓ ମୂଲ୍ୟାୟନର ପ୍ରଚଳିତ ଅର୍ଥ ଧାରଣା ଉପରେ ଆମ ନିଜର ବୋଧଗମ୍ୟତାକୁ ଦୃଢୀକରଣ କରିବା ପାଇଁ ନିମ୍ନଲିଖିତ ଶିକ୍ଷଣ କାର୍ଯ୍ୟ କରିବା ।

**ଶିକ୍ଷଣ କାର୍ଯ୍ୟ- ୨**

ପଞ୍ଚମ ଶ୍ରେଣୀ ପରିବେଶ ଶିକ୍ଷା ଶିକ୍ଷଣରେ ଅଗ୍ରଗତି ଜାଣିବା ପାଇଁ ଯେଉଁସବୁ ତଥ୍ୟ / ସୂଚନା ସଂଗ୍ରହ କରିବାକୁ ପଡିବ, ତାର ଏକ ତାଲିକା କର ।

## ୧୩.୩ ଆକଳନ ପ୍ରକ୍ରିୟା

ଶିକ୍ଷଣ ଏକ ଉଦ୍ଦେଶ୍ୟଭିତ୍ତିକ କାର୍ଯ୍ୟ । ତେଣୁ, ବିଦ୍ୟାଳୟରେ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ ଯେକୌଣସି ବିଷୟରେ ନିର୍ଦ୍ଦିଷ୍ଟ ଶିକ୍ଷଣ ଉଦ୍ଦେଶ୍ୟ ଅଛି । ପ୍ରତ୍ୟେକ ବିଷୟ ଅଧ୍ୟୟନ ପରେ ଆଶା କରାଯାଏ କି, ପ୍ରତ୍ୟେକ ଶିକ୍ଷାର୍ଥୀ ନିର୍ଦ୍ଦିଷ୍ଟ ଦକ୍ଷତା / ଗୁଣାବଳୀକୁ ପ୍ରଦର୍ଶିତ କରିବା । ଏହି ଦୃଷ୍ଟିରୁ ଆକଳନ ନିର୍ଦ୍ଦେଶନାମାର ଏକ ଅତୁଟ ଅଂଶ ଯେହେତୁ ଏହା ନିର୍ଦ୍ଧାରଣ କରେ ଯେ ଶିକ୍ଷାର ଉଦ୍ଦେଶ୍ୟ ସାଧିତ ହେଲା କି ନାହିଁ । ଆକଳନ ଗ୍ରେଡ, ଚାକିରୀ, ପଦୋନ୍ନତି, ନିର୍ଦ୍ଦେଶର ଆବଶ୍ୟକତା ଏବଂ ପାଠ୍ୟକ୍ରମ ସଂରଚନାକୁ ପ୍ରଭାବିତ କରିଥାଏ । ଆକଳନ ଆମକୁ ଏହି କଷ୍ଟ ପ୍ରଶ୍ନ ପଚାରିବାକୁ ପ୍ରେରଣା ଦେଇଥାଏ, ଆମେ କ'ଣ ଯାହା ପଢେଇବାକୁ ଚାହୁଁ ତାହା ପଢାଇଥାଉ ? ଶିକ୍ଷାର୍ଥୀମାନେ ଯାହା ପଢିବା କଥା ତାହା ପଢୁଛନ୍ତି କି ? ବିଷୟବସ୍ତୁକୁ ଭଲଭାବେ ପଢେଇବା ପାଇଁ କିଛି ଅନ୍ୟ ପ୍ରକାରର ପଦ୍ଧତି ଅଛିକି ଯାହା ଉତ୍ତମ ଶିକ୍ଷକକୁ ପ୍ରୋତ୍ସାହିତ କରିବ ? ଏହି ପ୍ରଶ୍ନଗୁଡିକର ଉତ୍ତର ଖୋଜୁ ଖୋଜୁ ଏହା ଆପଣଙ୍କୁ ଶିକ୍ଷଣ ଉଦ୍ଦେଶ୍ୟ, ଶ୍ରେଣୀଗୃହ ପ୍ରକ୍ରିୟା ଏବଂ ଆକଳନ ମଧ୍ୟରେ ଥିବା ସମ୍ପର୍କ ପାଖରେ ପହଞ୍ଚାଇ ଦେବ । ଚାଲନ୍ତୁ ଖୋଜିବା ।

### ୧୩.୩.୧ ପ୍ରତ୍ୟାଶିତ ଶିକ୍ଷଣ ଫଳାଫଳ, ଶ୍ରେଣୀଗୃହ ପ୍ରକ୍ରିୟା ଏବଂ ଆକଳନ

ସାଧାରଣତଃ, ଏକ ନିର୍ଦ୍ଦିଷ୍ଟ ବିଷୟ ଉପରେ ଶ୍ରେଣୀଗୃହ ପ୍ରକ୍ରିୟା ପର୍ଯ୍ୟବେସିତ । ଏହି ପାଠ୍ୟକ୍ରମ ବିଷୟବସ୍ତୁ ଉପରେ ବିଶେଷ କରି କେତେକ ଧାରଣା ଥାଏ । ପ୍ରତ୍ୟେକ ଏକକ ପ୍ରସଙ୍ଗର କିଛି ନିର୍ଦ୍ଦିଷ୍ଟ ଶୈକ୍ଷିକ ଉଦ୍ଦେଶ ହାସଲ କରିବାକୁ ଥାଏ । ତାହାର ଅର୍ଥ ହେଲା ଏହି ଏକକ / ଧାରଣା ପଢିସାରିବା ପରେ ଛାତ୍ରଛାତ୍ରୀମାନେ

ଟିପ୍ପଣୀ

ପ୍ରତ୍ୟାଶିତ କରାଯାଇଥିବା ଉଦ୍ଦେଶ୍ୟଗୁଡ଼ିକୁ ପ୍ରଦର୍ଶିତ କରିବେ । ତେଣୁ, ଶିକ୍ଷଣ ଉଦ୍ଦେଶ୍ୟକୁ ପ୍ରତ୍ୟାଶିତ ଶିକ୍ଷଣ ଫଳାଫଳ ବୋଲି କୁହାଯାଇଛି । ଆପଣ ପ୍ରତ୍ୟେକ ଏକକ ଶେଷରେ ଶିକ୍ଷାର୍ଥୀ ଏହିସବୁ ଶିକ୍ଷଣ ଉଦ୍ଦେଶ୍ୟ ହାସଲ କଲେ କି ନାହିଁ କିପରି ଜାଣିବେ ? ଏଥିପାଇଁ ଆପଣଙ୍କୁ ଏହି ପ୍ରତ୍ୟାଶିତ ଶିକ୍ଷଣ ଉଦ୍ଦେଶ୍ୟରେ ଉପଲବ୍ଧିକୁ ଆକଳନ କରିବାର ଆବଶ୍ୟକତା ଅଛି । ଆକଳନ କାର୍ଯ୍ୟଟିକୁ ସହଜ ଓ ସଠିକ କରିବା ପାଇଁ ପ୍ରତ୍ୟାଶିତ ଶିକ୍ଷଣ ଫଳାଫଳଗୁଡ଼ିକ ନିର୍ଦ୍ଦିଷ୍ଟ, ମାପନ ଯୋଗ୍ୟ, ହାସଲ ଯୋଗ୍ୟ, ବାସ୍ତବ ଓ ନିର୍ଦ୍ଦିଷ୍ଟ ଅବଧିଯୁକ୍ତ (smart) ହେବା ଆବଶ୍ୟକ । ଉଦାହରଣ ସ୍ୱରୂପ ଭୁଗୋଳ ଶିକ୍ଷାଦାନରେ ଗୋଟିଏ ଉଦ୍ଦେଶ୍ୟକୁ ନିମ୍ନ ଲିଖିତ ଭାବେ ବର୍ଣ୍ଣନା କରାଯାଇଛି ।

ପ୍ରସଙ୍ଗଟି ପଢାସରିବା ପରେ, ପଞ୍ଚମ ଶ୍ରେଣୀର ଶିକ୍ଷାର୍ଥୀ ପ୍ରସିଦ୍ଧ ସ୍ଥାନଗୁଡ଼ିକୁ ଯଥା – ଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ, ଏବଂ କୋଲକାତା ଇତ୍ୟାଦି କୁ ଭାରତବର୍ଷର ମାନଚିତ୍ରରେ ଦର୍ଶାଇବେ ।

ଯେଉଁ ଉଦ୍ଦେଶ୍ୟଟିକୁ ଏଠାରେ ସ୍ଥିର କରାଯାଇଛି ତାହା ନିର୍ଦ୍ଦିଷ୍ଟ କାରଣ ଏହା ଶିକ୍ଷାର୍ଥୀମାନେ କଣ କରିବେ ଓ କେତେବେଳେ କରିବେ ତାହା ନିର୍ଦ୍ଦିଷ୍ଟ କରେ । ଏହାକୁ ମଧ୍ୟ ଏକ ଶିକ୍ଷଣ କାର୍ଯ୍ୟ ଭାବେ ମପାଯାଇପାରିବ । ଏହା ମଧ୍ୟ ଶିକ୍ଷାର୍ଥୀଙ୍କର ସାମର୍ଥ୍ୟର ସୀମା ଭିତରେ ଅଛି ତେଣୁ ଏହା ହାସଲ ଯୋଗ୍ୟ । ଏହି ଦୃଷ୍ଟିରୁ ଏହା ବାସ୍ତବ, କାରଣ ଶିକ୍ଷାର୍ଥୀମାନେ ମାନଚିତ୍ରରେ ସ୍ଥାନଟିକୁ ଦେଖାଇପାରିବେ ଏବଂ ଅବଧିଯୁକ୍ତ ଅର୍ଥାତ ପ୍ରସଙ୍ଗଟି ପଢାସାରିବା ପରେ ଶିକ୍ଷାର୍ଥୀମାନେ କାର୍ଯ୍ୟଟିକୁ କରିବେ ।

ପ୍ରତ୍ୟାଶିତ ଫଳାଫଳର ଉଦାହରଣସବୁ ବିଭିନ୍ନଶ୍ରେଣୀର ବିଭିନ୍ନ ପାଠ ବିଷୟରେ ହାସଲ କରିବାକୁ ଥିବା ଦକ୍ଷତା ମଧ୍ୟ ହୋଇପାରେ । ଚାଲନ୍ତୁ ପଞ୍ଚମ ଶ୍ରେଣୀର ଶିକ୍ଷାର୍ଥୀଙ୍କ ପାଇଁ ଗଣିତ ବହି ଦେଖିବା ଏବଂ ପ୍ରତ୍ୟେକ ପ୍ରସଙ୍ଗ ପାଇଁ ପ୍ରତ୍ୟାଶିତ ଶିକ୍ଷଣ ଫଳାଫଳ ସ୍ଥିର କରିବା । ସାରଣୀ ୧୩.୧ ରେ କେତେକ ଉଦାହରଣ ଦିଆଯାଇଛି ।

**ସାରଣୀ ୧୩.୧ : ପ୍ରତ୍ୟାଶିତ ଶିକ୍ଷଣ ଫଳାଫଳର ଉଦାହରଣ ଶ୍ରେଣୀ ପଞ୍ଚମ ଗଣିତ**

| ପ୍ରସଙ୍ଗ | ପ୍ରତ୍ୟାଶିତ ଶିକ୍ଷଣ ଫଳାଫଳ |
|---|---|
| ଭଗ୍ନାଂଶ | ସରଳ ଭଗ୍ନାଂଶକୁ ସରଳୀକୃତ କରି ସର୍ବନିମ୍ନ ଭଗ୍ନାଂଶରେ ପରିଣତ କର । |
| ଶତକଡା | ଦତ୍ତ ସଂଖ୍ୟା ବା ମାପକୁ ଶତକଡାରେ ପ୍ରକାଶ କର । |

ଶିକ୍ଷଣ ଉଦ୍ଦେଶ୍ୟକୁ ଭିତ୍ତକରି ଶିକ୍ଷଣ ସାମଗ୍ରୀ ଏବଂ ଶିକ୍ଷଣ କାର୍ଯ୍ୟ ପ୍ରସ୍ତୁତ କରାଯାଇଥାଏ ଏବଂ ତଦନୁଯାୟୀ ଶ୍ରେଣୀଗୃହ ପରିଚାଳନାକୁ ସଙ୍ଗଠିତ କରାଯାଏ । ଶ୍ରେଣୀ ପରିଚାଳନା କାର୍ଯ୍ୟକ୍ରମ ସରିବା ପରେ, ପ୍ରତ୍ୟାଶିତ ଶିକ୍ଷଣ ଫଳାଫଳ କେତେ ଦୂର ଶିକ୍ଷାର୍ଥୀଙ୍କ ଦ୍ୱାରା ହାସଲ ହେଲା ତାହା ଆକଳନ କରାଯାଏ । ଏହିପରି ସମ୍ପୂର୍ଣ୍ଣ ଶ୍ରେଣୀଗୃହ ପ୍ରକ୍ରିୟାର ଚିତ୍ର ୧୩.୧ରେ ଦେଖାଯାଇଥିବା ପରି ନିମ୍ନଲିଖିତ ତିନୋଟି ଉପାଦାନ ଥାଏ ।





ଟିପ୍ପଣୀ

ଯଦିଓ ଶ୍ରେଣୀଗୃହ ପ୍ରକ୍ରିୟାର ତିନୋଟିଯାକ ଉପାଦାନ ଯୁକ୍ତି ସଙ୍ଗତ ଓ ବାସ୍ତବ ଲାଗୁଛି, ପ୍ରକୃତରେ ଶ୍ରେଣୀଗୃହ ପ୍ରକ୍ରିୟା ଏକ ସରଳ ଓ କ୍ରମିକ ଢଙ୍ଗରେ ଅଗ୍ରସର ହୋଇନଥାଏ । ବେଳେବେଳେ ଯୋଜନା କରିବା ଏବଂ ଶିକ୍ଷାଦାନ ଶିକ୍ଷଣ ଉଦ୍ଦେଶ୍ୟ ମାଧ୍ୟମରେ ପରିଚାଳିତ ହେବା ପରିବର୍ତ୍ତେ, ଆପଣ ଗୋଟିଏ ଉଦ୍ଦେଶ୍ୟକୁ ହାସଲ କରିବାରେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି, ଯାହାକୁ ଗୋଟିଏ ଦଳ ଶିକ୍ଷାର୍ଥୀମାନଙ୍କର ଦୁର୍ବଳସ୍ତର ଅନୁଯାୟୀ କ୍ଲିଷ୍ଟ ବୋଲି ଦୃଢଭାବେ ଆପଣ ଜାଣିପାରିବେ । ଏହି ପରିସ୍ଥିତିରେ, ଶିକ୍ଷଣ ଉଦ୍ଦେଶ୍ୟକୁ ଆପଣ ପରିବର୍ତ୍ତନ କରିବାକୁ ପଡିବ । ସେହିପରି ଗୋଟିଏ ପ୍ରସଙ୍ଗର ଶ୍ରେଣୀଗୃହ ପରିଚାଳନା ଶେଷରେ ଶିକ୍ଷାର୍ଥୀଙ୍କର ଉପଲବ୍ଧିକୁ ଆକଳନ କରିବା କେବଳ ଶ୍ରେଣୀଗୃହ ପରିଚାଳନାରେ କିଛି ଅପ୍ରତ୍ୟାଶିତ ଦୁର୍ବଳତା ଦେଖିବାକୁ ପାଇବେ ନାହିଁ, ପରନ୍ତୁ କେତେକ ପ୍ରତ୍ୟାଶିତ ଫଳାଫଳ ସମ୍ପର୍କରେ ଜାଣିବାକୁ ପାଇବେ ଯେଉଁଗୁଡିକର ପରିବର୍ତ୍ତନ ଆବଶ୍ୟକ ହୋଇଥାଏ । ଏହିପରି ଭାବେ ତିନୋଟି ଉପାଦାନ ମଧ୍ୟରୁ ପ୍ରତ୍ୟେକ ଉପାଦାନ ପ୍ରଭାବିତ କରନ୍ତି ଏବଂ ଅନ୍ୟ ଦୁଇଟି ଦ୍ୱାରା ପ୍ରଭାବିତ ହୁଅନ୍ତି । ତେଣୁ ଚିତ୍ର୧୩.୧ରେ ଉପାଦାନଗୁଡିକ ଯାହା ପ୍ରଭାବିତ କରୁଥିବା ଦିଗକୁ ସୂଚାଇଥାଏ, ତାହା ଏକ ଦିଗକୁ ସୂଚାଇନଥାଏ । ଆମେମାନେ ଏହା କହିପାରିବା ଯେ, ଶିକ୍ଷଣ ଉଦ୍ଦେଶ୍ୟ ଆକଳନର ଫଳାଫଳ ନିମ୍ନ ଲିଖିତ ପ୍ରଶ୍ନର ଉତ୍ତର ଦେବାକୁ ଚେଷ୍ଟା କରୁଛି ।

**ଶିକ୍ଷଣ କାର୍ଯ୍ୟ ୩**

ଆପଣଙ୍କର ପସନ୍ଦର ପ୍ରାଥମିକ ସ୍ତରର ଗୋଟିଏ ଏକକ / ପ୍ରସଙ୍ଗ ଯେକୌଣସି ବିଷୟରୁ ଚୟନ କରନ୍ତୁ । ଟିକିନିଖି ଭାବେ ଭିତରକୁ ଯାଆନ୍ତୁ, ତାପରେ ନିମ୍ନଲିଖିତ ସାରଣୀଟି ପୂରଣ କରନ୍ତୁ ।

- ଏକକଟି ପାଇଁ ପ୍ରତ୍ୟାଶିତ ଶିକ୍ଷଣ ଫଳାଫଳ ନିର୍ଣ୍ଣୟ କରନ୍ତୁ
- ଶ୍ରେଣୀ ସଂଚାଳନ ସମୟରେ ଯେଉଁସବୁ ପଦ୍ଧତି ଅବଲମ୍ବନ କରିବେ , ସେ ସମ୍ବନ୍ଧରେ ପ୍ରସ୍ତାବ ରଖନ୍ତୁ ।
- କେତେବେଳେ ଆକଳନ କରିବେ ଲେଖନ୍ତୁ (ପାଠଟିକୁ ଶ୍ରେଣୀରେ ପଢାଇବା ସମୟରେ କିମ୍ବା ଗୋଟିଏ ପାଠର ଶେଷରେ, ବର୍ଷ ଶେଷରେ) ଏବଂ
- ନିଜର ଶିକ୍ଷାଦାନ ଅଭିଜ୍ଞତାରୁ ସମ୍ଭାବ୍ୟ ଆକଳନ ନିମନ୍ତେ ସାଧନୀ ଓ କୌଶଳ ଲେଖନ୍ତୁ ।

ଶ୍ରେଣୀ.. .. .. .          ବିଷୟ ...

ପ୍ରସଙ୍ଗ / ପାଠଟିର ନାମ

| ପ୍ରତ୍ୟାଶିତ ଶିକ୍ଷଣ ଫଳାଫଳ | ପ୍ରକ୍ରିୟା / ପଦ୍ଧତି ଶ୍ରେଣୀ ପରିଚାଳନା ପାଇଁ ବ୍ୟବହାର | ଆକଳନ କେଉଁ ସମୟରେ କରାଯିବ | ଆକଳନ ନିମନ୍ତେ ସମ୍ଭାବ୍ୟ ସାଧନୀ ଓ କୌଶଳ |
|---|---|---|---|

ଶିକ୍ଷାର୍ଥୀମାନଙ୍କର ଶିକ୍ଷଣର ବେଗ ଏବଂ ପରିସୀମା କଣ ?

- ସ୍ଥିରୀକୃତ ସମସ୍ତ ଶିକ୍ଷଣ ଫଳାଫଳ ଶିକ୍ଷାର୍ଥୀଙ୍କ ପାଇଁ ଯଥାର୍ଥ / ଉପଯୁକ୍ତ କି ?
- ଶ୍ରେଣୀଗୃହ ପରିଚାଳନାର କେଉଁ ଦିଗଟିରେ ଉନ୍ନତି ଆବଶ୍ୟକ ?
- ଶିକ୍ଷାର୍ଥୀଙ୍କର ସାମର୍ଥ୍ୟ ଓ ଦୁର୍ବଳତା ମଧ୍ୟରୁ କେଉଁଗୁଡିକ ଅଧିକ ଯତ୍ନ ଆବଶ୍ୟକ କରେ ?



ଟିପ୍ପଣୀ

- ଛାତ୍ରମାନଙ୍କର ଶିକ୍ଷଣକୁ ଆକଳନ କରି ଉନ୍ନତ କରିବା ପାଇଁ ତୁମ ଚେଷ୍ଟାର ଫଳପ୍ରଦ ମୂଲ୍ୟାୟନ କିପରି କରିପାରିବେ ।

ଆପଣ ଭାବିପାରନ୍ତି ଯେ, ଆକଳନ / ମୂଲ୍ୟାୟନ ଗୋଟିଏ ଏକକର ଶେଷରେ କରାଯାଏ କିମ୍ବା ଗୋଟିଏ ଶିକ୍ଷାବର୍ଷର ଶେଷରେ କରାଯାଏ । ଅନ୍ୟାର୍ଥରେ ବିଦ୍ୟାଳୟରେ ଏହା ଯେକୌଣସି ସମୟରେ କରାଯାଇପାରିବ ଯେତେବେଳେ ଶିକ୍ଷକ ଜାଣିବାକୁ ଚାହିଁବେ ଯେ ତାଙ୍କର ଶିକ୍ଷଣ – ଶିକ୍ଷାଦାନ ଉପାୟ ଶ୍ରେଣୀଗୃହରେ ଫଳପ୍ରଦ ଭାବେ ଶିକ୍ଷାର୍ଥୀଙ୍କ ସହାୟତା ପ୍ରଦାନ କରୁଛି କି ନାହିଁ । ପ୍ରତ୍ୟାଶିତ ଶିକ୍ଷଣ ଫଳାଫଳ, ଶ୍ରେଣୀଗୃହ ପରିଚାଳନା ଏବଂ ଶିକ୍ଷଣ ଫଳାଫଳର ଆକଳନ ମଧ୍ୟରେ ସମ୍ପର୍କ ବୁଝିବାକୁ ହେଲେ ନିମ୍ନଲିଖିତ କାର୍ଯ୍ୟଗୁଡିକୁ କରନ୍ତୁ ।

## ୧୩.୩.୨ ଗଠନମୂଳକ ଏବଂ ସମାପ୍ତିସୂଚକ ଆକଳନ

ଆକଳନ ପ୍ରକ୍ରିୟା ଆଧାରରେ ଭିନ୍ନ ଭିନ୍ନ ହୋଇଥାଏ । ଏହା ହୋଇପାରେ

– ଔପଚାରିକ (ଯଥା ବାର୍ଷିକ କିମ୍ବା ଏକକ ପରୀକ୍ଷଣ) କିମ୍ବା ଅନୌପଚାରିକ (ଯଥା ଶିକ୍ଷକ ଶିକ୍ଷାର୍ଥୀଙ୍କ ସହ ଶ୍ରେଣୀ କାର୍ଯ୍ୟକ୍ରମରେ ଅନୌପଚାରିକ ଭାବେ ବାର୍ତ୍ତାଳାପ କିମ୍ବା ଶିକ୍ଷାର୍ଥୀଙ୍କ ଗତିବିଧିଗୁଡିକୁ ଅନୌପଚାରିକ ଭାବେ ପର୍ଯ୍ୟବେକ୍ଷଣ)

- ବସ୍ତୁନିଷ୍ଠ (ନିର୍ଦ୍ଦିଷ୍ଟ ପୂର୍ବ ନିର୍ଦ୍ଧାରିତ ଫଳାଫଳ କେନ୍ଦ୍ରୀତ ) କିମ୍ବା ବ୍ୟକ୍ତିନିଷ୍ଠ (ବ୍ୟକ୍ତିର ଭିନ୍ନତା, ଆବଶ୍ୟକତା ତଥା ଉପଲବ୍ଧି ଉପରେ କେନ୍ଦ୍ରିତ )

- ମାନକ ତୁଳନାତ୍ମକ (ଛାତ୍ରଛାତ୍ରୀଙ୍କର କୃତିତ୍ୱକୁ ଦଳର ମାନକ ବା ମାପଦଣ୍ଡ ସହ ତୁଳନା କରିବା) କିମ୍ବା ସୂଚକ ଆଧାରିତ ତୁଳନା (ଶିକ୍ଷାର୍ଥୀ ହାସଲ କରିଥିବା କୃତିତ୍ୱକୁ ଆଶା କରାଯାଉଥିବା କୃତିତ୍ୱ ସହ ତୁଳନା କରିବା )

ପୂର୍ବ ଆଲୋଚନା ଅନୁସାରେ ଆକଳନ ଶିକ୍ଷଣ ପ୍ରକ୍ରିୟାରେ ଏକ ଅବିଚ୍ଛେଦ୍ୟ ଅଙ୍ଗ । ଏହା ଦୁଇ ଭାଗରେ ବିଭକ୍ତ  ଯଥା– ଗଠନମୂଳକ ଓ ସମାପ୍ତିସୂଚକ । ଆସନ୍ତୁ ଏହି ଦୁଇ ପ୍ରକାର ଆକଳନ ସମ୍ପର୍କରେ କିଛି ଜାଣିବା ।

### ଗଠନମୂଳକ ଆକଳନ

ଗଠନମୂଳକ ଆକଳନ ଉଭୟ ଔପଚାରିକ ଏବଂ ଅନୌପଚାରିକ ପ୍ରକ୍ରିୟାର ଏକ ବିସ୍ତାର ପ୍ରକ୍ରିୟା ଯାହା ଶିକ୍ଷକମାନେ ସେମାନଙ୍କର ଶିକ୍ଷଣ ପ୍ରକ୍ରିୟାର ପରିବର୍ତ୍ତନ ଆଣିବା ପାଇଁ ଓ ଶିକ୍ଷାର୍ଥୀମାନଙ୍କର ଉପଲବ୍ଧି ସୁଧାରିବା ପାଇଁ ପ୍ରୟୋଗ କରିଥାନ୍ତି । ଏହା ଏକ ନିରନ୍ତର ପ୍ରକ୍ରିୟା, ଯାହାକୁ ଶିକ୍ଷକ ଶିକ୍ଷାର୍ଥୀମାନଙ୍କର ଉନ୍ନତିକୁ ନିରନ୍ତର ଭାବେ ପରିଚାଳନା କରିବା ପାଇଁ ଏକ ଭୟଶୂନ୍ୟ ତଥା ସହଯୋଗୀ ପରିବେଶରେ ବ୍ୟବହାର କରିଥାନ୍ତି । ଏଥିରେ ଶିକ୍ଷାର୍ଥୀ ଓ ଶିକ୍ଷକ ଉଭୟଙ୍କର ଗୁଣାତ୍ମକ ପୁନର୍ନିବେଶ ବା ପ୍ରତିପୁଷ୍ଟି ହୋଇଥାଏ, (ନମ୍ବର ବ୍ୟତୀତ) ଯାହା ଧାରଣା ଉପରେ ଟିକିନିଖି ତଥ୍ୟ ଓ ଉପଲବ୍ଧି ଉପରେ ଉଦ୍ଦେଶ୍ୟ ନିକ୍ଷେପିତ ଏବଂ ଏହି ନିର୍ଦ୍ଧାରଣ ସ୍ୱୟଂ ବିଦ୍ୟାର୍ଥୀ ତଥା ସହପାଠୀମାନଙ୍କ ଦ୍ୱାରା ମଧ୍ୟ ହୋଇପାରିଥାଏ ।

ଗଠନମୂଳକ ଆକଳନ ଶିକ୍ଷକଙ୍କୁ ସାହାଯ୍ୟ କରିଥାଏ –



ଟିପ୍ପଣୀ

- ଏହା ଶିକ୍ଷାର୍ଥୀ, ସେମାନଙ୍କର ପିତାମାତା ଏବଂ ଅନ୍ୟ ଶିକ୍ଷକମାନଙ୍କୁ ପ୍ରତିପୁଷ୍ଟି (ଆକଳନ ଫଳାଫଳ ଜନିତ ଜ୍ଞାନ) ପ୍ରଦାନ କରିଥାଏ, ଯାହାଦ୍ୱାରା ଆପଣ ସେମାନଙ୍କୁ ଠିକ ବାଟରେ ଯିବା ପାଇଁ ଅଭିପ୍ରେରିତ କରିପାରିବେ କିମ୍ୱା ଶିକ୍ଷଣ ପ୍ରକ୍ରିୟାରେ ସହାୟତା ପ୍ରଦାନ କରିପାରିବେ ।
- ତଥାକଥିତ (ପ୍ରଚଳିତ) ଶିକ୍ଷଣ-ଶିକ୍ଷାଦାନ ଶିକ୍ଷଣ କାର୍ଯ୍ୟ ଓ ଅଭିଜ୍ଞତାରେ ଉନ୍ନତି ଆଣିବେ । ଯଦି ଆପଣ ଆକଳନ ଉପରେ ମତାମତଗୁଡ଼ିକୁ ପର୍ଯ୍ୟବେକ୍ଷଣ (ଅବଲୋକନ) କରିବେ ଯେ ଆପଣଙ୍କ ଶ୍ରେଣୀରେ ଅଧିକାଂଶ ଶିକ୍ଷାର୍ଥୀ ପ୍ରତ୍ୟାଶିତ ସ୍ତରର ତଳେ ଅଛନ୍ତି ତେବେ ଆପଣ ସେଠାରେ ଶିକ୍ଷଣ – ଶିକ୍ଷାଦାନ ଉପାୟକୁ ପୁନର୍ବାର ପ୍ରସ୍ତୁତ କରିବେ ଏବଂ ପଦ୍ଧତିକୁ ଶିକ୍ଷାର୍ଥୀଙ୍କର ପର୍ଯ୍ୟବେକ୍ଷଣଲବ୍ଧ ଆବଶ୍ୟକତା ଅନୁଯାୟୀ ସଜାଡ଼ିବେ ।
- ଦଳଗତ କିମ୍ୱା ବ୍ୟକ୍ତିଗତ ଅସୁବିଧାଗୁଡ଼ିକୁ ଚିହ୍ନଟ କରିବେ ଓ ତଦନୁଯାୟୀ ପ୍ରତିକାର କରିବେ । ଉଦାହରଣ ସ୍ୱରୂପ ଆପଣ ଦେଖିଲେ ଯେ କେତେକ ଶିକ୍ଷାର୍ଥୀ ଆପଣ ପଢ଼େଇଥିବା ପ୍ରତ୍ୟୟଟିକୁ (ଧାରଣାଟିକୁ) ବୁଝିପାରିନାହାନ୍ତି । ତେବେ ସେମାନଙ୍କୁ ଅଲଗା ସମୟରେ ପାଠଟିକୁ ବୁଝାଇବେ କିମ୍ୱା ସେମାନଙ୍କର କୃତିତ୍ୱରେ ଉନ୍ନତି ଆଣିବା ପାଇଁ ସମୟାନୁଯାୟୀ ଚେଷ୍ଟା କରିବେ । ଆପଣ ଶିକ୍ଷାର୍ଥୀ ବୁଝିପାରିନଥିବା କେତେକ ଦକ୍ଷତାଗୁଡ଼ିକୁ ଚିହ୍ନଟ କରି ପ୍ରତିକାରମୂଳକ ପଦକ୍ଷେପ ନେବେ । ଆପଣ ମଧ୍ୟ ପଛରେ ପଡ଼ିଯାଇଥିବା ଶିକ୍ଷାର୍ଥୀଙ୍କୁ କିଛି ସହଯୋଗୀ ପାଠ ସାମଗ୍ରୀ ପ୍ରସ୍ତୁତ କରିବେ ଓ ଯୋଗାଇବେ ।
- ଶିକ୍ଷାର୍ଥୀଙ୍କ ସାମର୍ଥ୍ୟକୁ ଚିହ୍ନଟ କରିବାରେ ଓ ସେମାନଙ୍କର ସାମର୍ଥ୍ୟକୁ ବୁଦ୍ଧିମନ୍ତ / ସମୃଦ୍ଧ କରିବାରେ ସହାୟତା ପ୍ରଦାନ କରିବେ । ଗଠନମୂଳକ ଆକଳନ ଉପରେ ଦିଆଯାଇଥିବା ପ୍ରତିପୁଷ୍ଟି / ମତାମତ ଶିକ୍ଷାର୍ଥୀମାନଙ୍କର ସାମର୍ଥ୍ୟର ଦିଗଗୁଡ଼ିକୁ, ସୃଜନଶୀଳ ଗୁଣାବଳୀଗୁଡ଼ିକୁ ଆପଣ ଜାଣିପାରିବେ । ଜଣେ ଶିକ୍ଷକ ଭାବରେ, ଆପଣ ସେହି ଗୁଣାବଳୀଗୁଡ଼ିକ ପ୍ରଯତ୍ନ କରିବାପାଇଁ ସୁଯୋଗ ସୃଷ୍ଟି କରି ଅଭିଜ୍ଞତାଗୁଡ଼ିକୁ ସମୃଦ୍ଧ କରିବେ ।

ଗଠନମୂଳକ ମୂଲ୍ୟାୟନ ଉପରେ ଦିଆଯାଇଥିବା ମତାମତ (ପ୍ରତିପୁଷ୍ଟି) ଶିକ୍ଷାର୍ଥୀମାନଙ୍କୁ ସାହାଯ୍ୟ କରେ:

- ନିଜର ଶିକ୍ଷଣ ପ୍ରଗତିକୁ ଜାଣିପାରିବା ଏବଂ ସ୍ୱଶିକ୍ଷଣ ନିମିତ୍ତପ୍ରୋତ୍ସାହିତ କରିବାରେ ନିଜକୁ ନିଜେ ସାହାଯ୍ୟ କରିବା ।
- ନିଜର କାର୍ଯ୍ୟଦକ୍ଷତା / ନିପୁଣତା ବୃଦ୍ଧି ନିମନ୍ତେ ନିଜର ଦୃଷ୍ଟିକୁ ନମ୍ୱର ରଖିବା ଠାରୁ ଦୂରେଇ ନେଇ ଶିକ୍ଷଣ ପ୍ରକ୍ରିୟା ଉପରେ କେନ୍ଦ୍ରୀଭୂତ କରିବା ।
- ନିଜର ଶିକ୍ଷଣ ପ୍ରକ୍ରିୟା ସମ୍ୱନ୍ଧରେ ସଚେତନକୁ ଉନ୍ନତ କରିବା । ଅଧିକାଂଶ କ୍ଷେତ୍ରରେ ଶିକ୍ଷାର୍ଥୀମାନେ ଅନ୍ୟ ଉପରେ ଶିକ୍ଷଣ ପାଇଁ ଏତେ ନିର୍ଭରଶୀଳ ଯେ ସେମାନେ ନିଜର ଶିକ୍ଷଣ ସାମର୍ଥ୍ୟ ବିଷୟରେ ସଚେତନ ହୋଇନଥାନ୍ତି । କିନ୍ତୁ ଗଠନମୂଳକ ମୂଲ୍ୟାୟନରୁ ନିୟମିତ ମିଳୁଥିବା ମତାମତ / ତଥ୍ୟ ଶିକ୍ଷାର୍ଥୀଙ୍କୁ ସେମାନଙ୍କର ଶିକ୍ଷଣ ଅଗ୍ରଗତି ସମ୍ପର୍କରେ ସଚେତନ କରାଇଥାଏ । ଏହା ସେମାନଙ୍କୁ ସେମାନଙ୍କର ନିଜସ୍ୱ ଶିକ୍ଷଣ ପ୍ରକ୍ରିୟାକୁ ଏପଟ ସେପଟ କରି ଉପଲବ୍ଧି ସ୍ତରରେ ଉନ୍ନତି ଆଣିବା ପାଇଁ ପ୍ରେରଣା ଯୋଗାଇଥାଏ ।



ଟିପ୍ପଣୀ

- ବାହ୍ୟଜଗତ ପ୍ରେରଣାର ନକାରାତ୍ମକ ପ୍ରଭାବକୁ ହ୍ରାସ କରିବା । ଏହା ଦେଖାଯାଉଛି ଯେ, ଯଦି ଥରେ ଜଣେ ଶିକ୍ଷାର୍ଥୀ ନିଜ ଶିକ୍ଷଣ ପଥ ସମ୍ପର୍କରେ ସଚେତନ ହୁଏ ଏବଂ ନିଜର ସାମର୍ଥ୍ୟକୁ ଉନ୍ନତି କରିବାର ବାଟ ଜାଣିଯାଏ, ତାହେଲେ ସେମାନେ ଅଧିକ ଭଲଭାବରେ ଶିଖିଥାଆନ୍ତି । ଏହିପରି ସେମାନଙ୍କର ନିଜର ଶିକ୍ଷଣ ପ୍ରକ୍ରିୟା ଉପରେ ସଚେତନତା ଏବଂ ସେଗୁଡ଼ିକୁ ଉନ୍ନତି କରିବାରେ ସେମାନଙ୍କର ସାମର୍ଥ୍ୟ ବିଷୟରେ ସଚେତନ ହୋଇଥାନ୍ତି ତେବେ ତାହା ଶିକ୍ଷଣ ନିମନ୍ତେ ଅନ୍ତର୍ନିହିତ ପ୍ରେରଣା ଯୋଗାଇଥାଏ ଏବଂ ପରେ ସେମାନଙ୍କର କାର୍ଯ୍ୟକଳାପ କୌଣସି ବାହ୍ୟ ପ୍ରେରିତ ପରିସ୍ଥିତି ଯେପରି ପରୀକ୍ଷା ପାଇଁ ଶିଖିବା କିମ୍ବା ସ୍ୱର୍ଣ୍ଣ ପଦକ ପାଇବା ପାଇଁ ଶିକ୍ଷଣ ଦ୍ୱାରା ପ୍ରଭାବିତ ହେବ ନାହିଁ ।
- ସେମାନଙ୍କର କାର୍ଯ୍ୟ କରିବା ଢଙ୍ଗରେ ତାତ୍ପର୍ଯ୍ୟପୂର୍ଣ୍ଣ ପରିବର୍ତ୍ତନ/ଉନ୍ନତି ଆଣି ସେମାନଙ୍କର ଆତ୍ମ ସଚେତନତା ବଢାଇବା ଯାହା ଅନ୍ତର୍ନିହିତ ପ୍ରେରଣା ମାଧ୍ୟମରେ ସ୍ୱ-ଶିକ୍ଷଣକୁ ପ୍ରୋତ୍ସାହିତ କରିବ ଏବଂ ଏହିପରି ଭାବେ ଶିକ୍ଷକଙ୍କର କାର୍ଯ୍ୟଭାରକୁ ହ୍ରାସ କରିବ ।

ଏହି ପ୍ରକାର ଆକଳନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଶିକ୍ଷାର୍ଥୀର ଶିକ୍ଷଣରେ ଗୁଣାତ୍ମକ ଉନ୍ନତି ଆଣିବା କିନ୍ତୁ ଶିକ୍ଷାର୍ଥୀର ମୂଲ୍ୟାୟନ ବା ସ୍ତର ନିର୍ଣ୍ଣୟ କରିବା ନୁହେଁ । ଯେତେବେଳେ ନିର୍ଦ୍ଦିଷ୍ଟ ପାଠ୍ୟ ଖସଡା ଶିକ୍ଷାର୍ଥୀମାନଙ୍କର ଶିକ୍ଷଣ ଫଳାଫଳକୁ ଭରଣା କରିଥାଏ ସେତେବେଳେ ଏହା ପାଠ୍ୟକ୍ରମରେ ପରିବର୍ତ୍ତନ ଆଣିବା ପାଇଁ ବାଟ ଦେଖାଇଥାଏ । ଏହା ଶିକ୍ଷକମାନଙ୍କୁ ପାଠର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ପ୍ରସ୍ତୁତି କରିବାରେ ଏବଂ ଅଭ୍ୟାସ କରିବାରେ ନିୟୋଜିତ କରି ଶିକ୍ଷାଦାନ ସମ୍ବନ୍ଧୀୟ ଗୁଣାତ୍ମକତାରେ ଉନ୍ନତି ଆଣିବ ଏବଂ ଶିକ୍ଷା କାର୍ଯ୍ୟକ୍ରମକୁ ପ୍ରଭାବିତ କରିବ ।

ଗଠନ ମୂଳକ ଆକଳନ (ମୂଲ୍ୟ ନିର୍ଦ୍ଧାରଣ) ଉପରେ ଏକ ସଂକ୍ଷିପ୍ତ ବିବରଣୀ (ସାରାଂଶ) ଏବଂ ଏହା ଉଭୟ ଶିକ୍ଷକ ଓ ଶିକ୍ଷାର୍ଥୀଙ୍କ କାର୍ଯ୍ୟକଳାପରେ ଉନ୍ନତି ଆଣିବା ନିମନ୍ତେ ଯେଉଁ ଭୂମିକା କରିଥାଏ ତାହାକୁ ନିମ୍ନରେ ବର୍ଣ୍ଣନା କରାଯାଇଛି ।

**ଗଠନମୂଳକ ଆକଳନ**

- ଶିକ୍ଷାର୍ଥୀର ପୂର୍ବଜ୍ଞାନ ଓ ଅଭିଜ୍ଞତା ଉପରେ ଆଧାରିତ କ'ଣ ପଢାଯାଇଛି ତାହା ପ୍ରସ୍ତୁତ କରିବାରେ ।
- ଅନୌପଚାରିକ ଭାବେ ନିୟମିତ ବ୍ୟବଧାନରେ କରାଯାଏ ।
- ଏହା ନିଦାନମୂଳକ ଏବଂ ପ୍ରତିକାରାତ୍ମକ ।
- ଫଳପ୍ରଦ ମତାମତ ଦେବା ପାଇଁ ବ୍ୟବସ୍ଥାକୁ ସୁନିଶ୍ଚିତ କରିଥାଏ ।
- ଶିକ୍ଷାର୍ଥୀଙ୍କୁ ନିଜସ୍ୱ ଶିକ୍ଷଣରେ ସ୍ୱତଃସ୍ଫୁର୍ତ୍ତ ଅଂଶଗ୍ରହଣ କରିବା ପାଇଁ ପ୍ଲାଟଫର୍ମ (ସ୍ଥାନ) ଯୋଗାଇ ଦିଏ / ଯୋଗାଏ ।
- ଶିକ୍ଷାର୍ଥୀମାନଙ୍କର ଅତ୍ୟାବଶ୍ୟକୀୟ ଚାହିଦା ସହିତ ଖାପଖୁଆଇ ଶ୍ରେଣୀଗୃହ ପରିଚାଳନାର ଉପାୟଗୁଡ଼ିକ ଅବଲମ୍ବନ କରିବା ନିମନ୍ତେ ଶିକ୍ଷକମାନଙ୍କୁ ସାମର୍ଥ୍ୟ ପ୍ରଦାନକାରୀ ପ୍ରତିପୁଷ୍ଟି (ମତାମତ) ଯୋଗାଇଥାଏ ।
- ଶିକ୍ଷାର୍ଥୀଙ୍କର ଅନ୍ତର୍ନିହିତ ଅଭିପ୍ରେରଣା ଓ ଆତ୍ମ ସଚେତନତା ଗୁଣାବଳୀକୁ ପ୍ରୋତ୍ସାହିତ କରେ ଓ ଉଭୟ ଗୁଣାବଳୀ ଶିକ୍ଷଣ କାର୍ଯ୍ୟକଳାପକୁ ଅତି ଗୁରୁତ୍ୱପୂର୍ଣ୍ଣଭାବେ ପ୍ରଭାବିତ କରିଥାଏ ।

ଟିପ୍ପଣୀ

- ଶିକ୍ଷାର୍ଥୀ ନିଜକୁ ନିଜେ ଆକଳନ କରିବାର ସାମର୍ଥ୍ୟକୁ ଓ କିପରି ସେଥିରେ ଉନ୍ନତି ଆଣିବ ତାହା ବୁଝିବାର ଆବଶ୍ୟକତାକୁ ଚିହ୍ନଟ କରେ ।
- କ'ଣ ଓ କିପରି ପଢେଇବାକୁ ଅଛି ନିର୍ଦ୍ଧାରଣ କରିବା ପାଇଁ ଭିନ୍ନ ପ୍ରକାରର ଶିକ୍ଷଣ ଶୈଳୀକୁ ଅନ୍ତର୍ଭୁକ୍ତ କରିବାରେ
- ଶିକ୍ଷାର୍ଥୀଙ୍କୁ ନିଜେ ନିଜର କାର୍ଯ୍ୟକୁ ଯାଞ୍ଚ କରିବା ପାଇଁ ମାନକ ପ୍ରସ୍ତୁତ କରିବା ପ୍ରୋତ୍ସାହିତ କରେ
- ମତାମତ / ପତିପୁଷ୍ଟି ପ୍ରାପ୍ତିପରେ ଶିକ୍ଷାର୍ଥୀଙ୍କୁ ସେମାନଙ୍କର କାର୍ଯ୍ୟରେ ଉନ୍ନତି ଆଣିବା ପାଇଁ ପ୍ରୋତ୍ସାହିତ କରେ
- ନିଜ ସାଙ୍ଗସାଥୀଙ୍କୁ ସହଯୋଗ କରିବା ପାଇଁ ଶିକ୍ଷାର୍ଥୀଙ୍କୁ ସାହାଯ୍ୟ ପ୍ରଦାନ କରେ ଏବଂ ସାଙ୍ଗସାଥୀମାନେ ସେହି ଶିକ୍ଷାର୍ଥୀଙ୍କୁ ମଧ୍ୟ ସହଯୋଗ ଓ ସାହାଯ୍ୟ କରିଥାଆନ୍ତି ।

*(ଉତ୍ସ: ନିରନ୍ତର ଓ ସାମଗ୍ରିକ ମୂଲ୍ୟାୟନ : ଶିକ୍ଷକଙ୍କ ପାଇଁ କାର୍ଯ୍ୟପୁସ୍ତିକା, ସିବିଏସ୍‌ଇ ୨୦୧୦)*

**ସମାପ୍ତିସୂଚକ ଆକଳନ (ମୂଲ୍ୟ ନିର୍ଦ୍ଧାରଣ)**

ସମାପ୍ତିସୂଚକ ଆକଳନ ସେହି ପ୍ରକାର ଶିକ୍ଷଣ ଆକଳନକୁ ବୁଝାଏ ଯାହା ଗୋଟିଏ ଶିକ୍ଷାର୍ଥୀର ପ୍ରଗତି ସମ୍ପର୍କରେ ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମଷ୍ଟି ବା ଏକ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥାଏ । ଏହା ହେଉଛି ଗୋଟିଏ ନିର୍ଦ୍ଦିଷ୍ଟ ସମୟରେ ଶିକ୍ଷାର୍ଥୀର ଶିକ୍ଷଣ ଆକଳନ ପ୍ରକ୍ରିୟା (ଗ୍ରେଡରେ କିମ୍ବା ସ୍ତରରେ) ।

ଗୋଟିଏ ଶିକ୍ଷାବର୍ଷର ଶେଷରେ ପରୀକ୍ଷଣ ପ୍ରକ୍ରିୟା ଯେପରି, ଗୋଟିଏ ଷାଣ୍ମାସିକ ପରୀକ୍ଷା କିମ୍ବା ବାର୍ଷିକ ପରୀକ୍ଷା ହେଉଛି ସମାପ୍ତି ସୂଚକ ଆକଳନର ଉଦାହରଣ ଏବଂ ପରୀକ୍ଷାର ଏହି ପ୍ରକାର ଆକଳନ କାର୍ଯ୍ୟକ୍ରମରେ ହେଉଥିବାରୁ ଏହାକୁ ସମାପ୍ତିସୂଚକ ପରୀକ୍ଷଣ କୁହାଯାଏ । ଗଠନମୂଳକ ପରୀକ୍ଷଣ ସୀମିତ ଉଦ୍ଦେଶ୍ୟ ବା ଧାରଣା ଉପରେ ପର୍ଯ୍ୟବେସିତ ହେବା ସମୟରେ ସମାପ୍ତିସୂଚକ ପରୀକ୍ଷଣ ସମସ୍ତ ବିହିତ ପ୍ରତ୍ୟୟର ନମୁନା ଅଟେ ଏବଂ ସମସ୍ତ ପ୍ରତ୍ୟାଶିତ ଶିକ୍ଷଣ ଫଳାଫଳର ସମାହାର ଅଟେ ଏବଂ ଆକଳନ ସମୟରେ ଶିକ୍ଷାର୍ଥୀର କୃତିତ୍ୱ ସମ୍ପର୍କରେ ଏକ ସମ୍ପୂର୍ଣ୍ଣ ଚିତ୍ର ବା ବିବରଣୀ ପ୍ରଦାନ କରିଥାଏ । ଗୋଟିଏ, ଶିକ୍ଷଣ ଶିକ୍ଷାଦାନ ପ୍ରକ୍ରିୟାରେ ସମାପ୍ତିସୂଚକ ଆକଳନ ଗୋଟିଏ ଶିକ୍ଷାବର୍ଷର ଶେଷରେ ନିର୍ଦ୍ଦିଷ୍ଟ କରେ ଯେ ପ୍ରକୃତରେ ଜଣେ ଶିକ୍ଷାର୍ଥୀକେତେ ଶିଖିଛି ଏବଂ ସେମାନେ ବିହିତ ଶିକ୍ଷାବର୍ଷର ମାନକୁ ହାସଲ କରିପାରିଛନ୍ତି କି ନାହିଁ । ଏଗୁଡିକୁ କୁଇଜ କାର୍ଯ୍ୟକ୍ରମ ରଚନା ପରୀକ୍ଷଣ କିମ୍ବା ପ୍ରକଳ୍ପ କାର୍ଯ୍ୟ ମାଧ୍ୟମରେ ଔପଚାରିକ ଭାବେ ଅନୁଷ୍ଠିତ କରାଯାଇପାରିବ । ସମାପ୍ତିସୂଚକ ଆକଳନର ଗୁଣାବଳୀକୁ ନିମ୍ନରେ ଦିଆଯାଇଛି ।

ସମାପ୍ତି ସୂଚକ ଆକଳନ:

- ଶିକ୍ଷଣ ଅଗ୍ରଗତିର ଆକଳନ ଯାହାକୁ ଶିକ୍ଷାବର୍ଷର ଶେଷରେ କିମ୍ବା କେତେକ ଏକକ ଶେଷରେ ସମ୍ପାଦନ କରାଯାଇଥାଏ ।
- ସାଧାରଣତଃ ଶିକ୍ଷାର୍ଥୀମାନେ ସାମଗ୍ରିକ ଭାବେ କେତେ ଶିଖିଲେ ତାହା ପ୍ରଦର୍ଶନ କରିବାକୁ ଶିକ୍ଷାବର୍ଷର ଶେଷରେ ଏହା ସମ୍ପାଦନ କରାଯାଇଥାଏ ।
- ଅଧିକନ୍ତୁ ମୂଲ୍ୟାୟନରେ ଗତାନୁଗତିକ ଆକଳନ ପ୍ରକ୍ରିୟାର ପଦ୍ଧତିକୁ ଶିକ୍ଷାର୍ଥୀଙ୍କ କାର୍ଯ୍ୟର ମୂଲ୍ୟାୟନରେ ବ୍ୟବହାର କରିଥାଏ ।

ଟିପ୍ପଣୀ

- ଫଳାଫଳକୁ ଶିକ୍ଷାର୍ଥୀର ସ୍ତର କିମ୍ବା ଗ୍ରେଡ୍‌ରେ ପ୍ରକାଶ କରାଯାଏ ଯାହା ଯୋଜନା କରିବା ସମୟରେ ତଥା କୌଣସି ଶିକ୍ଷାବର୍ଷର କାର୍ଯ୍ୟକ୍ରମରେ ଆନ୍ତଃ ଏବଂ ଅର୍ନ୍ତବିଦ୍ୟାଳୟର ଉପଲବ୍ଧିକୁ ତୁଳନା କରି ଆକଳନ କରିବାରେ ସାହାର୍ଯ୍ୟ କରେ

*(ଉତ୍ସ: ନିରନ୍ତର ଓ ସାମଗ୍ରିକ ମୂଲ୍ୟାୟନ : ଶିକ୍ଷକଙ୍କ ପାଇଁ କାର୍ଯ୍ୟପୁସ୍ତିକା, ସିବିଏସ୍ଇ ୨୦୧୦)*

ଗଠନମୂଳକ ଓ ସମାପ୍ତିସୂଚକ ଆକଳନ ମଧ୍ୟରେ ଥିବା ପାର୍ଥକ୍ୟକୁ ନିମ୍ନଲିଖିତ ସାରଣୀରେ ବ୍ୟାଖ୍ୟା କରାଯାଇଛି ।

ସାରଣୀ ୧୩.୨

**ଗଠନମୂଳକ ଓ ସମାପ୍ତିସୂଚକ ଆକଳନ ମଧ୍ୟରେ ପାର୍ଥକ୍ୟ**

| ଗଠନମୂଳକ ଆକଳନ | ସମାପ୍ତିସୂଚକ ଆକଳନ |
|---|---|
| ଶିକ୍ଷାର୍ଥୀମାନେ କେତେ ଶିଖିଲେ ଓ ଆଉ କେତେ ଶିଖିବାକୁ ଅଛି, ତାହା ନିର୍ଦ୍ଧାରଣ କରିବାକୁ ବ୍ୟବହାର କରାଯାଏ । | ଗୋଟିଏ ବିହିତ ପାଠ୍ୟକୋର୍ସରେ ଶିକ୍ଷାର୍ଥୀର ସାମଗ୍ରିକ କୃତିତ୍ୱକୁ ନିର୍ଦ୍ଧାରଣ କରିବାକୁ ବ୍ୟବହାର କରାଯାଏ । |
| ଶିକ୍ଷକଙ୍କୁ ନିଜ ଶିକ୍ଷାଦାନ ପଦ୍ଧତିକୁ ଆକଳନ କରିବାକୁ ଏବଂ ଶିକ୍ଷାବର୍ଷରେ ଶିକ୍ଷାର୍ଥୀଙ୍କୁ ପାଠଟିକୁ ବୁଝିବାରେ ସାହାଯ୍ୟ ପ୍ରଦାନ କରିବା ପାଇଁ ପଦ୍ଧତିକୁ ପରିବର୍ତ୍ତନ କରିବାପାଇଁ ଶିକ୍ଷକଙ୍କୁ ଅନୁମତି ପ୍ରଦାନ କରିଥାଏ । | ଯଦି ଶିକ୍ଷାର୍ଥୀମାନେ ଭଲ କୃତିତ୍ୱ ପ୍ରଦର୍ଶନ କରିନଥାନ୍ତି, ଶିକ୍ଷକଙ୍କୁ ଆସନ୍ତା ବର୍ଷପାଇଁ ନିଜର ଶିକ୍ଷାଦାନ ପଦ୍ଧତିରେ ପରିବର୍ତ୍ତନ ଆଣିବା ପାଇଁ ସ୍ୱୀକୃତି / ଅନୁମତି / ସୁଯୋଗ ପ୍ରଦାନ କରିଥାଏ । |
| ଗ୍ରେଡ କୌଣସି କାର୍ଯ୍ୟ କରିନଥାଏ । | ଗ୍ରେଡ ହେଉଛି ଆଧାର ଯାହା ରାଜ୍ୟଭିତ୍ତିକ ପରୀକ୍ଷଣ ପାଇଁ ଶିକ୍ଷାର୍ଥୀର ପ୍ରସ୍ତୁତିକୁ ନିର୍ଦ୍ଧାରଣ କରିଥାଏ ଏବଂ ଗୋଟିଏ ବର୍ଷର ଶୈକ୍ଷିକ କୃତିତ୍ୱର ମୂଲ୍ୟାୟନ କରିଥାଏ । |
| ଶିକ୍ଷାଦାନ - ଶିକ୍ଷଣ ପ୍ରକ୍ରିୟା ଚାଲୁଥିବା ସମୟରେ ବାରମ୍ବାର ସମ୍ପାଦନ କରାଯାଇଥାଏ । | ଗୋଟିଏ କୋର୍ସର ଶେଷରେ ସମ୍ପାଦନ  କରାଯାଇଥାଏ |
| କମ୍ ଔପଚାରିକ, ବିଦ୍ୟାଳୟସ୍ତରରେ ଶ୍ରେଣୀରେ ଶିକ୍ଷାଦାନ କରୁଥିବା ଶିକ୍ଷକଙ୍କ ଦ୍ୱାରା କାର୍ଯ୍ୟ ସମ୍ପନ୍ନ କରାଯାଇଥାଏ । | ଅଧିକ ଔପଚାରିକ, ବିଦ୍ୟାଳୟସ୍ତରରେ ଜିଲ୍ଲାର / ରାଜ୍ୟର ଉପରିସ୍ଥ ଅଧିକାରୀଙ୍କର ନିର୍ଦ୍ଦେଶ ମିଳିଲେ କରାଯାଇପାରେ |
| ଶିକ୍ଷାର୍ଥୀଙ୍କ ଆବଶ୍ୟକତା ଅନୁଯାୟୀ ନମନୀୟ | ନମନୀୟ ନୁହେଁ । ସମସ୍ତ ଶିକ୍ଷାର୍ଥୀଙ୍କ ପାଇଁ ଗୋଟିଏ ପରୀକ୍ଷା, ପରୀକ୍ଷାର ପରିଚାଳନା ସମାନ ପ୍ରକାରର ଏବଂ ପରୀକ୍ଷା ଫଳାଫଳର ବିଶ୍ଳେଷଣ ମଧ୍ୟ ସମାନ ବା ଏକା ପ୍ରକାରର |
| ପ୍ରକ୍ରିୟା ଭିତ୍ତିକ | ଫଳାଫଳ ଭିତ୍ତିକ |

ସଂକ୍ଷେପରେ ସମାପ୍ତିସୂଚକ ଏବଂ ଗଠନମୂଳକ ଆକଳନକୁ ଗୋଟିଏ ଶିକ୍ଷଣ ପରିସ୍ଥିତିରେ ଯଥାକ୍ରମେ ଶିକ୍ଷଣର ଆକଳନ ଏବଂ ଶିକ୍ଷଣ ପାଇଁ ଆକଳନ ହିସାବରେ ସୂଚିତ କରାଯାଇଥାଏ ।

ଟିପ୍ପଣୀ

ଶିକ୍ଷଣର ଆକଳନ କହିଲେ ସମାପ୍ତି ସୂଚକ ମୂଲ୍ୟାୟନକୁ ବୁଝାଏ । ଯାହା ବର୍ଷ ଶେଷରେ କିମ୍ବା ଛଅ ମାସ ପରେ ହୋଇଥାଏ । ଏହା ଶିକ୍ଷାର୍ଥୀର ଶିକ୍ଷଣ ଫଳାଫଳକୁ ମାପେ ଏବଂ ଶିକ୍ଷାର୍ଥୀ ଅଭିଭାବକ ଓ ପ୍ରଶାସକଙ୍କୁ ଜଣାଏ ।

ଶିକ୍ଷଣ ପାଇଁ ଆକଳନ କହିଲେ ଗଠନମୂଳକ ମୂଲ୍ୟାୟନକୁ ବୁଝାଏ । ଯାହା ଶିକ୍ଷକଙ୍କୁ ଶିକ୍ଷାଥୀର ଶୈକ୍ଷିକ ଅଗ୍ରଗତି ପର୍ଯ୍ୟାଲୋଚନା ଓ ନିଜର ଶିକ୍ଷାଦାନ କୌଶଳର ଉନ୍ନତି ପାଇଁ ସାହାଯ୍ୟ କରେ । ଏହା ମଧ୍ୟ ଶିକ୍ଷାର୍ଥୀକୁ ନିଜ ସାଥି ଓ ଶିକ୍ଷକଙ୍କ ଠାରୁ ପ୍ରତିପୁଷ୍ଟ ଯୋଗାଏ ଯାହା ଫଳରେ ସେ ନିଜର ଶୈକ୍ଷିକ ଅଗ୍ରଗତିକୁ ପଯ୍ୟାଲୋଚନା ଓ ଉନ୍ନତି କରିପାରେ ।

ଯାହାହେଉ, ଏହା ମନେରଖିବାକୁ ହେବ ଯେ, ଗଠନମୂଳକ ଆକଳନ ସମାପ୍ତି ସୂଚକ ଆକଳନର ପରିପୂରକ ଅଟେ ଏବଂ ଶିକ୍ଷଣ ପ୍ରକ୍ରିୟାରେ ଉଭୟ ପ୍ରକାର ଆକଳନର ଗୁରୁତ୍ୱ ରହିଅଛି ।

---

E3. କାରଣ ଦର୍ଶାଅ ଯେ ମାର୍କ / ନମ୍ବରର ଗୁରୁତ୍ୱ ସମାପ୍ତି ସୂଚକ ମୂଲ୍ୟାୟନରେ ଅଛି କିନ୍ତୁ ଗଠନମୂଳକ ମୂଲ୍ୟାୟନରେ ନାହିଁ ।

---

## ୧୩.୪ ନିରନ୍ତର ଓ ସାମଗ୍ରିକ ମୂଲ୍ୟାୟନ (ସିସିଇ)

ମୂଲ୍ୟାୟନ କେବଳ ଶିକ୍ଷାର୍ଥୀର ଅଗ୍ରଗତି ଓ ସଫଳତାକୁ ମାପେ ନାହିଁ, ଏହା ଶିକ୍ଷଣ ସାମଗ୍ରୀର କାର୍ଯ୍ୟକାରିତା ଏବଂ ପାଠ୍ୟକ୍ରମ ସଂଚାଳନାରେ ବ୍ୟବହୃତ ପଦ୍ଧତିର ମଧ୍ୟ ମୂଲ୍ୟ ନିର୍ଦ୍ଧାରଣ କରିଥାଏ । ଏହା ପାଠ୍ୟକ୍ରମର ଫଳପ୍ରଦ ପ୍ରୟୋଗର ଏବଂ ଶିକ୍ଷଣ ଶିକ୍ଷାଦାନ ପ୍ରକ୍ରିୟାର ପୁନଶ୍ଚ ଅଗ୍ରଗତିର ଏକ ଅବିଚ୍ଛେଦ୍ୟ ଅଙ୍ଗ । ତେଣୁ ଏହା କେବଳ ଶିକ୍ଷାର୍ଥୀଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ନୁହେଁ, ଏହା ଶିକ୍ଷକଙ୍କ ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅଟେ ।

ଅନେକ ସମୟରେ ଆମେ ମୂଲ୍ୟାୟନକୁ କିମ୍ବା ଆକଳନକୁ ଶିକ୍ଷକଙ୍କ ଦ୍ୱାରା ପରିଚାଳନା କରାଯିବା ଏବଂ ଶିକ୍ଷଣର ଶେଷରେ ଶିକ୍ଷାର୍ଥୀଙ୍କ ଦ୍ୱାରା ପରିଚାଳନା କରାଯିବା ରୂପେଗ୍ରହଣ କରିଥାଉ । ଯେତେବେଳେ ମୂଲ୍ୟାୟନକୁ ଶିକ୍ଷଣର ଶେଷରେ ଦେଖାଯାଏ ସେତେବେଳେ ଉଭୟ ଶିକ୍ଷକ ଓ ଶିକ୍ଷାର୍ଥୀ ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟାର ବାହାରେ ଦୃଶ୍ୟମାନ ହୁଅନ୍ତି । ଆକଳନକୁ ବିସ୍ତୃତ ଭାବେ ବର୍ଣ୍ଣନା କରନ୍ତି ଓ ପାଠ୍ୟକ୍ରମକୁ ଯଥାର୍ଥତାହୀନ ଓ ଅପରିଚିତ ବୋଲି ଭାବିନିଅନ୍ତି । ପୁନଶ୍ଚ, ଏହିପରି ଚିନ୍ତାଧାରା ଶିକ୍ଷାର୍ଥୀର ବ୍ୟାକୁଳତା ଓ ଚିନ୍ତାଧାରା ସହିତ ଜଡିତ । ଅପରପକ୍ଷରେ ଯଦିଓ ମୂଲ୍ୟାୟନ ଶିକ୍ଷଣ-ଶିକ୍ଷାଦାନର ଏକ ଅବିଚ୍ଛିନ୍ନ ଅଂଶବିଶେଷ, ଏହା ନିରନ୍ତର ହେବା ଆବଶ୍ୟକ । ଶିକ୍ଷଣ ନିମନ୍ତେ ପ୍ରତ୍ୟେକ ପରିସ୍ଥିତିରେ ମଧ୍ୟ ମୂଲ୍ୟାୟନ କରାଯାଇପାରେ । ଯେତେବେଳେ ଏହା ଶିକ୍ଷଣ-ଶିକ୍ଷାଦାନ ସହ ଅନ୍ତର୍ଭୁକ୍ତ, ଶିକ୍ଷାର୍ଥୀମାନେ ପରୀକ୍ଷାକୁ ଭୟ ଦୃଷ୍ଟିରେ ଦେଖିବା କଥା ନୁହେଁ । ବରଂ ଏହା ଶିକ୍ଷାର୍ଥୀର ସାମର୍ଥ୍ୟ ଓ ଦୁର୍ବଳତା ଚିହ୍ନଟ କରିବାରେ ସାହାଯ୍ୟ କରେ । ଶିକ୍ଷାର୍ଥୀର ସାମର୍ଥ୍ୟକୁ ଜାଣିପାରିଲେ, ଶିକ୍ଷାର୍ଥୀର ଶିକ୍ଷଣ କ୍ଲିଷ୍ଟତା କୁ ଦୂର କରିବା ପାଇଁ କିମ୍ବା ତାର ଶିକ୍ଷଣ ସ୍ତରରେ ଉନ୍ନତି ଆଣିବା ନିମନ୍ତେ କାର୍ଯ୍ୟପନ୍ଥା ସ୍ଥିର କରିବା ସହଜ ହୋଇଥାଏ ।

ଟିପ୍ପଣୀ

ବିଦ୍ୟାଳୟରେ ମୂଲ୍ୟାୟନର ପରିସର ଶିକ୍ଷାର୍ଥୀର ବ୍ୟକ୍ତିତ୍ୱ ବିକାଶର ସମସ୍ତ ଅଂଶକୁ ବିସ୍ତୃତ । ଏହା ଉଭୟ ଶୈକ୍ଷିକ ଓ ସହଶୈକ୍ଷିକ ଦିଗକୁ ଅନ୍ତର୍ଭୁକ୍ତ କରାଯାଇଛି ଯାହାକୁ ସାମଗ୍ରୀକ ବୋଲି କୁହାଯାଏ । ଉଦାହରଣ ସ୍ୱରୂପ- ଗଣିତରେ ନମ୍ବର କିମ୍ବା ଗ୍ରେଡ ବୌଦ୍ଧିକ ଦକ୍ଷତା ଓ ବିଷୟ ପ୍ରତି ମନୋଭାବକୁ, ବିଷୟ ପ୍ରତି ଆଗ୍ରହ ଯାହା ସହ-ବୌଦ୍ଧିକ ଦିଗର ଦକ୍ଷତାକୁ ଉପସ୍ଥାପିତ / ପ୍ରଦର୍ଶିତ କରିଥାଏ । ଉଭୟ ଦିଗ ପରସ୍ପର ସହିତ ଓତଃପ୍ରୋତ ଭାବେ ସମ୍ପର୍କିତ ଏବଂ ଶିକ୍ଷାର ଲକ୍ଷ୍ୟ ସହିତ ମିଳିତ । ଯଦି ମୂଲ୍ୟାୟନ ନିରନ୍ତର ହୁଏ, ତେବେ ଶିକ୍ଷାର୍ଥୀର ସାମର୍ଥ୍ୟ ଓ ଦୁର୍ବଳତା ଭଲ ଭାବେ ଜଣାପଡିବ ଓ ସେମାନଙ୍କର ବୋଧଗମ୍ୟତା ଓ ଉନ୍ନତି ପାଇଁ ସୁଯୋଗ ଦିଆଯାଇପାରିବ । ଏହା ମଧ୍ୟ ଶିକ୍ଷକଙ୍କୁ ସେମାନଙ୍କର ଶିକ୍ଷାଦାନ ଶୈଳୀରେ ଉନ୍ନତି ଆଣିବା ପାଇଁ ସୁଚିନ୍ତିତ ମତାମତ ପ୍ରଦାନ କରିଥାଏ ।

### ୧୩.୪.୧ ଧାରଣା (ପ୍ରତ୍ୟୟ), ପ୍ରକ୍ରିୟା ଏବଂ ସାମଗ୍ରୀକ ଓ ନିରନ୍ତର ମୂଲ୍ୟାୟନର ଆବଶ୍ୟକତା

ଶିକ୍ଷା ଶିକ୍ଷାର୍ଥୀର ସାମଗ୍ରିକ ବିକାଶ ପ୍ରତିପାଦନ କରିବାକୁ ଚାହେଁ । ତେଣୁ ନିରନ୍ତର ଓ ସାମଗ୍ରିକ ମୂଲ୍ୟାୟନ ଶିକ୍ଷାର୍ଥୀର ଜ୍ଞନାତ୍ମକ, କ୍ରିୟାତ୍ମକ ଓ ଭାବାତ୍ମକ ଦିଗରେ ବୃଦ୍ଧି / ଉନ୍ନତି ଆଣିଥାଏ । ଜ୍ଞାନାତ୍ମକ ବୃଦ୍ଧି / ବିକାଶ ଶିକ୍ଷାର୍ଥୀର ବୌଦ୍ଧିକ ବିକାଶ (ଯେପରି ଶିକ୍ଷାର୍ଥୀର ଜ୍ଞାନ, ବୋଧଗମ୍ୟତା, ପ୍ରୟୋଗ, ବିଶ୍ଲେଷଣ, ସଂଶ୍ଳେଷଣ ଓ ମୂଲ୍ୟାୟନ)କୁ ବୁଝାଇଥାଏ । କ୍ରିୟାତ୍ମକ ବିକାଶ ଶିକ୍ଷାର୍ଥୀର କାର୍ଯ୍ୟଦକ୍ଷତାକୁ ନେଇ ପର୍ଯ୍ୟବେସିତ ଏବଂ କେତେକ ପ୍ରୟୋଗାତ୍ମକ ଦିଗ ସହିତ ଜଡିତ । ଭାବାତ୍ମକ ବିକାଶ ଶିକ୍ଷାର୍ଥୀର ମନୋବୃତ୍ତି , ଆଗ୍ରହ ଓ ବ୍ୟକ୍ତିଗତ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥାଏ । ଯେହେତୁ ଶିକ୍ଷଣ ଶିକ୍ଷାଦାନ ପ୍ରକ୍ରିୟା ଶିକ୍ଷାର୍ଥୀର ସମଗ୍ର ଦିଗର ବିକାଶକୁ ସୁନିଶ୍ଚିତ କରେ, ତେଣୁ ଶିକ୍ଷାର୍ଥୀର ମୂଲ୍ୟାୟନ ନିରନ୍ତର ଓ ସାମଗ୍ରିକ ହେବା ଆବଶ୍ୟକ ।

ଶିକ୍ଷାର ଗୁଣାତ୍ମକ ଦିଗରେ ଉନ୍ନତି ଆଣିବା ପାଇଁ ଏବଂ ଶିକ୍ଷାର୍ଥୀର ସମ୍ପୂର୍ଣ୍ଣ ବିକାଶ ପାଇଁ, ମୂଲ୍ୟାୟନ ପ୍ରକ୍ରିୟା ଉଭୟ ବୌଦ୍ଧିକ ଓ ସହବୌଦ୍ଧିକ ଦିଗର ବିକାଶ ଉପରେ କେନ୍ଦ୍ରୀଭୂତ ହେବା ଆବଶ୍ୟକ । ତେଣୁ ସାମଗ୍ରିକ ମୂଲ୍ୟାୟନ ନିରନ୍ତର ଭାବେ ନିୟମିତ ସମୟ ବ୍ୟବଧାନରେ ଶିକ୍ଷାବର୍ଷ ମଧ୍ୟରେ ହେବା ଉଚିତ୍ ।

ବର୍ତ୍ତମାନ ପ୍ରାରମ୍ଭିକ ବିଦ୍ୟାଳୟରେ ପ୍ରଚଳିତ ହେଉଥିବା ମୂଲ୍ୟାୟନ ପ୍ରକ୍ରିୟାକୁ ବିଶ୍ଲେଷଣ କରନ୍ତୁ ଏବଂ ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଦିଅନ୍ତୁ ?

- ଏହା କଣ ଶିକ୍ଷାର୍ଥୀର ସମ୍ପୂର୍ଣ୍ଣ ଚିତ୍ରଣ କରିଥାଏ, ଯାହାକି ସେ ଜାଣିଥାଏ ତଥା ବାସ୍ତବ ଜୀବନରେ ପ୍ରୟୋଗ କରିଥାଏ ?
- ଏହା କ'ଣ ଶିକ୍ଷାର୍ଥୀର ସାମର୍ଥ୍ୟକୁ ବର୍ଣ୍ଣନା କରିଥାଏ ?
- ଏହା କ'ଣ ଶିକ୍ଷକଙ୍କୁ ଭଲ କାର୍ଯ୍ୟ କରିବାରେ ସହାୟକ ହୋଇଥାଏ ?
- ମୂଲ୍ୟାୟନର ଫଳାଫଳ କ'ଣ ଶିକ୍ଷକଙ୍କୁ ଓ ଯୋଜନାକାରୀମାନଙ୍କୁ ଶିକ୍ଷାର ଗୁଣାତ୍ମକମାନର ଉନ୍ନତି କରିବାରେ ସହାୟକ ହୋଇଥାଏ ?

ଆପଣ ଅନୁଭବ କରୁଥିବେ ଯେ ଆପଣ ଏହି ପ୍ରଶ୍ନଗୁଡିକର ସନ୍ତୋଷଜନକ ଉତ୍ତର ପାଉନାହାନ୍ତି । ଏଠାରେ ସାମଗ୍ରିକ ଓ ନିରନ୍ତର ମୂଲ୍ୟାୟନର ଆବଶ୍ୟକତା ପରିଲକ୍ଷିତ ହୋଇଥାଏ ଏବଂ ଆମେ କହିପାରିବା ଯେ ଏହାର ଆବଶ୍ୟକତା ହେଉଛି:

**ଟିପ୍ପଣୀ**

- ଏହା ଶିକ୍ଷାର୍ଥୀର ଉଭୟ ବୌଦ୍ଧିକ ଓ ଅଣବୌଦ୍ଧିକ ଦିଗର ଶିକ୍ଷା ଉପରେ ଏକ ସାମଗ୍ରିକ ବିବରଣୀ ଆକଳନ ମାଧ୍ୟମରେ ପ୍ରଦାନ କରିଥାଏ ।
- ବିଭିନ୍ନ ପ୍ରାସଙ୍ଗିକ କ୍ଷେତ୍ରରେ ଶିକ୍ଷାର୍ଥୀ ମଧ୍ୟରେ ଲୁଚି ରହିଥିବା ଗୁଣାବଳୀକୁ ଚିହ୍ନଟ କରିଥାଏ ।
- ଶିକ୍ଷାର୍ଥୀର ଉପଲବ୍ଧି ସ୍ତରର ଉନ୍ନତିକରଣ ପ୍ରକ୍ରିୟାକୁ ଚିହ୍ନଟ କରିଥାଏ ।
- ବିଦ୍ୟାଳୟର ଉନ୍ନତିକରଣ ପାଇଁ ସାମଗ୍ରିକ ମୂଲ୍ୟାୟନର ଯୋଜନା ପ୍ରସ୍ତୁତ କରିଥାଏ ।
- ନିରନ୍ତର ଓ ସାମଗ୍ରିକ ମୂଲ୍ୟାୟନ ହାସଲ କରିବାପାଇଁ ଉପଯୁକ୍ତ ସାଧନୀ ଓ କୌଶଳର ପ୍ରସ୍ତାବ ଦେଇଥାଏ ।
- ବିଦ୍ୟାଳୟ ଓ ଶିକ୍ଷାର୍ଥୀମାନଙ୍କର ନିରନ୍ତର ଉନ୍ନତି ପାଇଁ ମୂଲ୍ୟାୟନକୁ ଏକ ସାଧନୀ ରୂପେ ବ୍ୟବହାର କରିଥାଏ ।
- ବିଦ୍ୟାଳୟର ପ୍ରଶାସନ, ଅଭିଭାବକ ଏବଂ ଗୋଷ୍ଠୀ ସମୁଦାୟଙ୍କୁ ନିରନ୍ତର ଓ ସାମଗ୍ରିକ ମୂଲ୍ୟାୟନ ବିଷୟରେ ସମ୍ବେଦନଶୀଳ ହେବା ପାଇଁ ଉପାୟମାନ ପ୍ରସ୍ତାବ ଦେଇଥାଏ ।

'ନିରନ୍ତର' ଶବ୍ଦ ଗୁରୁତ୍ୱାରୋପ କରିଥାଏ ଯେ ଶିକ୍ଷାର୍ଥୀର ବୃଦ୍ଧି ଓ ବିକାଶର ଚିହ୍ନିତ ଦିଗଗୁଡ଼ିକ ହେଉଛି ଏକ ନିରନ୍ତର ପ୍ରକ୍ରିୟା ବରଂ ଘଟଣା ନୁହେଁ, ସମଗ୍ର ଶିକ୍ଷଣ ଶିକ୍ଷାଦାନ ପ୍ରକ୍ରିୟା ଉପରେ ପ୍ରତିଷ୍ଠିତ ଏବଂ ସମଗ୍ର ଶିକ୍ଷାବର୍ଷ ମଧ୍ୟରେ ପୁରାପୁରି ବିସ୍ତାରିତ ହୋଇଥାଏ । ଏହାର ଅର୍ଥ ନିୟମିତ ଆକଳନ, ଏକକ ପରୀକ୍ଷଣର ବାରମ୍ବାରତା, ଶିକ୍ଷଣ ଦୁରତ୍ୱର ଚିହ୍ନଟୀକରଣ, ଉପଯୁକ୍ତ ଉପାୟର ବ୍ୟବହାର , ପୁନଃପରୀକ୍ଷଣ ଏବଂ ମତାମତ ଉଭୟ ଶିକ୍ଷକ ଓ ଶିକ୍ଷାର୍ଥୀମାନଙ୍କୁ ନିଜସ୍ୱ ମୂଲ୍ୟାୟନ କରିବାରେ ପ୍ରୟାସ କରିଥାଏ ।

'ସାମଗ୍ରିକ' ଶବ୍ଦ ଶିକ୍ଷାର୍ଥୀର ବୃଦ୍ଧି ଓ ବିକାଶର ଉଭୟ ବୌଦ୍ଧିକ ଓ ସହବୌଦ୍ଧିକ ଦିଗକୁ ଆଚ୍ଛାଦିତ କରିଥାଏ । ଯେହେତୁ ସାମର୍ଥ୍ୟ, ଆଗ୍ରହ, ମନୋବୃତ୍ତି ଏବଂ ପ୍ରବୃତ୍ତି ଇତ୍ୟାଦି ବିଭିନ୍ନ ପ୍ରକାରର ଶିକ୍ଷଣକାର୍ଯ୍ୟ ମାଧ୍ୟମରେ ବିକଶିତ ହୋଇଥାଏ ତେଣୁ ଏହି ଶବ୍ଦ ବିଭିନ୍ନ ସାଧନୀ ଓ କୌଶଳର ପ୍ରୟୋଗକୁ ସୂଚାଇଥାଏ (ଉଭୟ ପରୀକ୍ଷଣ ଓ ଅଣପରୀକ୍ଷଣ) ଏବଂ ଶିକ୍ଷାର୍ଥୀର ଶିକ୍ଷଣ କ୍ଷେତ୍ରରେ ଯଥା- ଜ୍ଞାନ, ବୋଧ, ପ୍ରୟୋଗ, ବିଶ୍ଳେଷଣ, ସଂଶ୍ଳେଷଣ ଓ ସୃଜନଶୀଳତା ଇତ୍ୟାଦି ଉନ୍ନତିର ଆକଳନ ଲକ୍ଷ୍ୟ ରଖିଥାଏ ।

**ନିରନ୍ତର ଓ ସାମଗ୍ରିକ ମୂଲ୍ୟାୟନର ସଂଜ୍ଞା :**

ନିରନ୍ତର ଓ ସାମଗ୍ରିକ ମୂଲ୍ୟାୟନ ଏକ ପ୍ରକ୍ରିୟା ଯାହା ଉଭୟ ଗଠନମୂଳକ ଓ ସମାପ୍ତିସୂଚକ ମୂଲ୍ୟାୟନ ଦ୍ୱାରା ଶିକ୍ଷାର୍ଥୀର ଶିକ୍ଷଣ ଉପଲବ୍ଧିକୁ ସୁନିଶ୍ଚିତ କରିଥାଏ ଏବଂ ବିଭିନ୍ନ ବିଭାଗରେ ଯଥା – ଜ୍ଞାନାତ୍ମକ, ଭାବାତ୍ମକ ଓ କ୍ରିୟାତ୍ମକ ଦିଗରେ ଶିକ୍ଷାର୍ଥୀର ସର୍ବାଙ୍ଗୀନ ବିକାଶକୁ ପ୍ରୋତ୍ସାହିତ କରିଥାଏ ।

ନିରନ୍ତର ଓ ସାମଗ୍ରିକ ମୂଲ୍ୟାୟନର ବିଶେଷତ୍ୱଗୁଡ଼ିକ ହେଲା-

- ଏହା ଶିକ୍ଷାର୍ଥୀର ବିଦ୍ୟାଳୟ ଆଧାରିତ ମୂଲ୍ୟାୟନ ଅଟେ ଯାହାକି ଶିକ୍ଷାର୍ଥୀର ସମ୍ପୂର୍ଣ୍ଣ ବିକାଶ ଦିଗରେ ସମ୍ମିଳିତ ହୋଇଥାଏ ।
- ନିରନ୍ତର ଓ ସାମଗ୍ରିକ ମୂଲ୍ୟାୟନର ନିରନ୍ତର ଦିଗଟି ମୂଲ୍ୟାୟନରେ ନିୟମିତ ଏବଂ ସମୟ ବ୍ୟବଧାନ ଦିଗଟିର ଧ୍ୟାନ ରଖେ ।

ଟିପ୍ପଣୀ

- ନିରନ୍ତରର ଅର୍ଥ ଏହି କି ଯେ ଶିକ୍ଷଣ ଆରମ୍ଭରେ ଶିକ୍ଷାର୍ଥୀର ଆକଳନ (ବ୍ୟବହୃତ ମୂଲ୍ୟାୟନ) ଏବଂ ଶିକ୍ଷଣ ପ୍ରକ୍ରିୟା ସମୟରେ ମୂଲ୍ୟାୟନ (ଗଠନମୂଳକ ମୂଲ୍ୟାୟନ) ଅନୌପଚାରିକ ଭାବରେ ମୂଲ୍ୟାୟନର ବିଭିନ୍ନ କୌଶଳ ବ୍ୟବହାର କରି ସମ୍ପାଦିତ ହୋଇଥାଏ ।
- ଆକଳନ କିଛି ସମୟ ବ୍ୟବଧାନରେ ସମ୍ପାଦିତ ହୋଇଥାଏ । ଏହାର ଅର୍ଥ ହେଉଛି ଗୋଟିଏ ଏକକର ଶେଷରେ କିଛି ସ୍ଥିରୀକୃତ ମାନକର ବ୍ୟବହାର କରି ଶିକ୍ଷଣ ଉପଲବ୍ଧିର ଆକଳନ କରିବା । ମାନକ ହେଉଛି ଉଦ୍ଦେଶ୍ୟ ଆଧାରିତ ବିଭିନ୍ନ ଉପଲବ୍ଧିର ସ୍ତର ଯାହା ଗ୍ରହଣ ଯୋଗ୍ୟ ।
- ନିରନ୍ତର ଓ ସାମଗ୍ରିକ ମୂଲ୍ୟାୟନର ସାମଗ୍ରିକ ଉପାଦାନଟି ଶିକ୍ଷାର୍ଥୀର ବ୍ୟକ୍ତିତ୍ୱର ବିକାଶର ସର୍ବାଙ୍ଗୀନ ଦିଗର ଯତ୍ନ ନେଇଥାଏ । ଏହା ଶିକ୍ଷାର୍ଥୀ ବୃଦ୍ଧିର ବୌଦ୍ଧିକ ଏବଂ ସହବୌଦ୍ଧିକ ଦିଗର ଆକଳନକୁ ଅନ୍ତର୍ଭୁକ୍ତ କରିଥାଏ ।
- ବୌଦ୍ଧିକ ଦିଗଟି ବିଷୟଭିତ୍ତିକ ନିର୍ଦ୍ଦିଷ୍ଟ ଦିଗକୁ ଅନ୍ତର୍ଭୁକ୍ତ କଲାବେଳେ ସହବୌଦ୍ଧିକ ଦିଗଟି ବ୍ୟକ୍ତିଗତ ସାମାଜିକ ଗୁଣାବଳୀ, ସହ ପାଠ୍ୟକ୍ରମ କାର୍ଯ୍ୟାବଳୀ, ମନୋବୃତ୍ତି ଏବଂ ମୂଲ୍ୟବୋଧକୁ ଅନ୍ତର୍ଭୁକ୍ତ କରିଥାଏ ।
- ବୌଦ୍ଧିକ ଦିଗର ଆକଳନ ଅନୌପଚାରିକ ଓ ଔପଚାରିକ ଭାବେ ମୂଲ୍ୟାୟନର ବିଭିନ୍ନ କୌଶଳକୁ ନିରନ୍ତର ଓ ସମୟ ବ୍ୟବଧାନରେ ବ୍ୟବହାର କରି ସମ୍ପାଦିତ କରାଯାଏ । ନିଦାନଭିତ୍ତିକ ମୂଲ୍ୟାୟନ ଗୋଟିଏ ଏକକର ଶେଷରେ କରାଯାଏ ଯାହାକୁ ପରୀକ୍ଷଣ କୁହାଯାଏ । କମ୍ ଉପଲବ୍ଧିର କାରଣ ଏବଂ କମ୍ ଉପଲବ୍ଧିର ଦିଗକୁ ନିଦାନ ମୂଳକ ପରୀକ୍ଷଣ ଦ୍ୱାରା ନିରୁପଣ କରାଯାଏ । ଏହାକୁ ପୁନଃ ପରୀକ୍ଷଣ କରି ଉପଯୁକ୍ତ ଉପାୟଗୁଡିକ ମଧ୍ୟ କରାଯାଇଥାଏ ।
- ସହବୌଦ୍ଧିକ ଦିଗର ଆକଳନ ସ୍ଥିରୀକୃତ ମାନକ ଆଧାରରେ ବିଭିନ୍ନ କୌଶଳ ପ୍ରୟୋଗ କରି ସମ୍ପାଦିତ ହୋଇଥାଏ, ଯେତେବେଳେ ବ୍ୟକ୍ତିଗତ ସାମାଜିକ ଗୁଣାବଳୀର ଆକଳନ ବିଭିନ୍ନ ସୂଚକ ଆଧାରରେ ଏବଂ ଚେକ୍ ଲିଷ୍ଟ ମାଧ୍ୟମରେ କରାଯାଇଥାଏ ।

*(ଉତ୍ସ: ପୋଜିଶନ ପେପର, ଜାତୀୟ ନିର୍ଦ୍ଦେଶ ଦଳ: ପରିକ୍ଷାଗତ ସଂସ୍କାର, ପୃଷ୍ଠା ୨୫)*

ଆସନ୍ତୁ ନିରନ୍ତର ଓ ସାମଗ୍ରିକ ମୂଲ୍ୟାୟନର ଉଦ୍ଦେଶ୍ୟ ସ୍ଥିର କରିବା

ନିରନ୍ତର ଓ ସାମଗ୍ରିକ ମୂଲ୍ୟାୟନର ଉଦ୍ଦେଶ୍ୟଗୁଡିକ ହେଲା;

- ଶିକ୍ଷାର୍ଥୀ ବ୍ୟକ୍ତିତ୍ୱର ଜ୍ଞାନାତ୍ମକ, କ୍ରିୟାତ୍ମକ ଓ ଭାବାତ୍ମକ ଦିଗର ବିକାଶରେ ସାହାଯ୍ୟ କରିବା ।
- ଚିନ୍ତନ ପ୍ରକ୍ରିୟାରେ ଗୁରୁତ୍ୱରୋପ କରିବା ଓ ଘୋଷିକରି ମନେରଖିବାକୁ ନିରୁତ୍ସାହିତ କରିବା
- ମୂଲ୍ୟାୟନକୁ ଶିକ୍ଷଣ-ଶିକ୍ଷଦାନ ପ୍ରକ୍ରିୟାର କେନ୍ଦ୍ରବିନ୍ଦୁ ବୋଲି ବିବେଚନା କରିବା
- ମୂଲ୍ୟାୟନକୁ ଶିକ୍ଷାର୍ଥୀର ଉପଲବ୍ଧି ସ୍ତରର ଉନ୍ନତି ପାଇଁ ବ୍ୟବହାର କରିବା ଏବଂ ଶିକ୍ଷାଦାନ -ଶିକ୍ଷଣ କୌଶଳକୁ ନିୟମିତ ନିରୂପଣ କରି ପ୍ରତିକାରାତ୍ମକ ନିର୍ଦ୍ଦେଶ ଦେବା ।
- ମୂଲ୍ୟାୟନକୁ ଗୁଣାତ୍ମକ ଦିଗର ନିୟନ୍ତ୍ରଣ ଯନ୍ତ୍ର ରୂପେ ବ୍ୟବହାର କରି ପ୍ରକୃତ ଉପଲବ୍ଧି ଓ ପ୍ରତ୍ୟାଶିତ ଉପଲବ୍ଧି ମଧ୍ୟରେ ଥିବା ତଫାତକୁ ଯୋଡିବା, ଏବଂ ପ୍ରତ୍ୟାଶିତ ଉପଲବ୍ଧିସ୍ତରର ମାନକକୁ ପାଳନ କରିବା



ଟିପ୍ପଣୀ

- ଶିକ୍ଷାର୍ଥୀ, ଶିକ୍ଷଣ ପ୍ରକ୍ରିୟା ଓ ଶିକ୍ଷଣ ପରିବେଶ ସମ୍ବନ୍ଧରେ ଉପଯୁକ୍ତ ନିଷ୍ପତ୍ତି ନେବା
- ଶିକ୍ଷଣ ପ୍ରକ୍ରିୟାକୁ ଏବଂ ଶିକ୍ଷାଦାନକୁ ଶିକ୍ଷାର୍ଥୀକୈନ୍ଦ୍ରିକ ଶିକ୍ଷଣକାର୍ଯ୍ୟ ଭିତ୍ତିକ କରନ୍ତୁ ।

*(ଉତ୍ସ: ନିରନ୍ତର ଓ ସାମଗ୍ରିକ ମୂଲ୍ୟାୟନ : ଶିକ୍ଷକଙ୍କ ପାଇଁ କାର୍ଯ୍ୟପୁସ୍ତିକା, ସିବିଏସ୍ଇ ୨୦୧୦)*

ତେଣୁ ଆମେ କହିପାରିବା ଯେ, ନିରନ୍ତର ଓ ସାମଗ୍ରିକ ମୂଲ୍ୟାୟନ ଶିକ୍ଷାର୍ଥୀର ନିରନ୍ତର ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥାଏ । ଯାହା ସେମାନଙ୍କର ବୌଦ୍ଧିକ ଶକ୍ତି, ଆବେଗିକ, ଶାରୀରିକ, ସାଂସ୍କୃତିକ ଏବଂ ସାମାଜିକ ବିକାଶକୁ ସୁନିଶ୍ଚିତ କରିଥାଏ ଓ ସେଥିପାଇଁ ଏହା ଶିକ୍ଷାର୍ଥୀର କେବଳ ବୌଦ୍ଧିକ ଗୁଣାବଳୀର ଆକଳନ ଭିତରେ ସୀମିତ ନଥାଏ । ନିରନ୍ତର ଓ ସାମଗ୍ରିକ ମୂଲ୍ୟାୟନ ଉଭୟ ଶିକ୍ଷକ ଓ ଶିକ୍ଷାର୍ଥୀଙ୍କୁ ସେମାନଙ୍କର ଶିକ୍ଷଣର ଉନ୍ନତି ଆଣିବା ପାଇଁ ସେମାନଙ୍କ ଉଦ୍ୟମରେ କିଛି ପରିବର୍ତ୍ତନ କରିବା ପାଇଁ ପ୍ରତିପୁଷ୍ଟି ପ୍ରଦାନ କରିବାର ମାଧ୍ୟମ ଭାବରେ କାର୍ଯ୍ୟ କରେ । ଏହା ମଧ୍ୟ ଶିକ୍ଷାର୍ଥୀମାନଙ୍କୁ ଅଭିପ୍ରେରଣା ଯୋଗାଇଥାଏ ଏବଂ ଶିକ୍ଷାର୍ଥୀର କୃତିତ୍ୱ ଉପରେ ସାମଗ୍ରିକ ଚିତ୍ର ପ୍ରଦାନ କରିଥାଏ ।

---

E-4 : ଜଣେ ଶିକ୍ଷକ ଭାବରେ, ଆପଣ ଯେତେବେଳେ ଶିକ୍ଷାର୍ଥୀର ଶିକ୍ଷଣର ଆକଳନ କରୁଛନ୍ତି, ସେତେବେଳେ କି କି କାର୍ଯ୍ୟ କରିବେ ଏବଂ କେଉଁ କେଉଁ କାର୍ଯ୍ୟରୁ ଦୁରେଇ ରହିବେ ?

---

### ୧୩.୪.୧ ନିରନ୍ତର ଓ ସାମଗ୍ରିକ ମୂଲ୍ୟାୟନରେ ପରିମାଣାତ୍ମକ ଓ ଗୁଣାତ୍ମକ ତଥ୍ୟର ବ୍ୟବହାର

ମୂଲ୍ୟାୟନ ପଦ୍ଧତି ଏବଂ ସେଥିରୁ ମିଳୁଥିବା ତଥ୍ୟକୁ ଦୁଇଟି ମୌଳିକ ବିଭାଗରେ ଅନ୍ତର୍ଭୁକ୍ତ କରାଯାଇଛି : ପରିମାଣାତ୍ମକ ଓ ଗୁଣାତ୍ମକ । ସାଧାରଣତଃ, ପରିମାଣାତ୍ମକ ପଦ୍ଧତି ଖାଲି 'ଶୁଖିଲା ନମ୍ବର' ପ୍ରଦାନ କରେ ଯେତେବେଳେ ଗୁଣାତ୍ମକ ପଦ୍ଧତିଗୁଡିକ ବର୍ଣ୍ଣନାତ୍ମକ ତଥ୍ୟକୁ ହସ୍ତଗତ କରେ । ଆପଣଙ୍କ ମୂଲ୍ୟାୟନରେ ଉଦ୍ଦେଶ୍ୟକୁ ଭିତ୍ତିକରି ଏବଂ ଯେଉଁସବୁ ସମ୍ବଳକୁ ପ୍ରସ୍ତୁତ କରନ୍ତି ଓ ବ୍ୟବହାର କରନ୍ତି, ତାହାକୁ ଭିତ୍ତିକରି ଆପଣ ବ୍ୟବହାର କରୁଥିବା ପଦ୍ଧତିଗୁଡିକ ନିର୍ଣ୍ଣୟ କରାଯାଇଥାଏ ।

ଶିକ୍ଷକମାନେ କଣ କରିବେ ? ସେମାନେ ଉଭୟ ନମ୍ବର ଏବଂ ନମ୍ବର ସମ୍ପର୍କରେ ବର୍ଣ୍ଣନା ଯାହା ସଂଖ୍ୟାକୁ ବୁଝାଏ, ଦରକାର କରିଥାନ୍ତି । ତେଣୁ ଉଭୟ ପରିମାଣାତ୍ମକ ଏବଂ ଗୁଣାତ୍ମକ କୌଶଳ ଶିକ୍ଷାର୍ଥୀର ଶିକ୍ଷଣର ବିଭିନ୍ନ ଦିଗରୁ ଏକ ବୁଦ୍ଧିମନ୍ତ ଏବଂ ଅଧିକ ସାମଗ୍ରିକ ତଥ୍ୟ ପ୍ରଦାନ କରିଥାଏ ।

ସର୍ବୋତ୍ତମ ଆଧାର ସ୍ତରରେ, ପରିମାଣାତ୍ମକ ତଥ୍ୟକୁ ନିର୍ଦ୍ଧାରଣ କରାଯାଏ, ଯଦିଓ ସେଗୁଡିକ ନମ୍ବରରେ ପ୍ରକାଶିତ ହୋଇଥାନ୍ତି ଏବଂ ଗୁଣାତ୍ମକ ଯଦି ଏହା ଶବ୍ଦରେ ପ୍ରକାଶିତ ହୋଇଥାଏ । ସେ ଯାହାହେଉ ଗୁଣାତ୍ମକ ତଥ୍ୟରେ ଫଟୋ, ଭିଡିଓ, ଅଡିଓ ରେକର୍ଡିଂ ଏବଂ ଅନ୍ୟ ଲେଖାଯାଇନଥିବା ତଥ୍ୟ ଅନ୍ତର୍ଭୁକ୍ତ ଥାଏ । ଉଦାହରଣ ସ୍ୱରୂପ - ଯେତେବେଳେ ଆପଣ କୁହନ୍ତି ଯେ - ପଞ୍ଚମ ଶ୍ରେଣୀରେ ପଢୁଥିବା ସୋମା ଗଣିତରେ ୧୦୦ରୁ ୮୦ ନମ୍ବର ରଖିଛି – ଏହା ସୋମାର ଗଣିତରେ ପରିମାଣାତ୍ମକ ତଥ୍ୟକୁ ସୂଚିତ କରିଥାଏ ମାତ୍ର ଆପଣ ଯେତେବେଳେ କୁହନ୍ତି ଯେ - 'ତପୁ ସୁନ୍ଦର ନାଚେ' କିମ୍ବା 'ମହେଶ୍ୱରର ହସ୍ତାକ୍ଷର ଅତ୍ୟନ୍ତ ସୁନ୍ଦର' କିମ୍ବା 'ଅକ୍ଷୟ ଗୀତ ଏତେ ସୁନ୍ଦର ଗାଏ ଯେ ସେ ଗୀତ ଗାଇଲାବେଳେ ଲୋକମାନେ ତା ଆଡକୁ ଆକୃଷ୍ଟ ହୋଇଯାଆନ୍ତି' – ଏହିଗୁଡିକ ହେଉଛି ଶିକ୍ଷାର୍ଥୀ ସମ୍ପର୍କରେ ଗୁଣାତ୍ମକ ସୂଚନା । ତଥ୍ୟ ସଂଗ୍ରହ କରିବା ନିମନ୍ତେ ଅନେକ ପଦ୍ଧତି ଅଛି । କେତେକ ପଦ୍ଧତି ପରିମାଣାତ୍ମକ ତଥ୍ୟ ପ୍ରଦାନ କରିବା ସମୟରେ ଆଉ କେତେକ ପଦ୍ଧତି ଗୁଣାତ୍ମକ ତଥ୍ୟ ପ୍ରଦାନ କରିଥାନ୍ତି । ପରିମାଣାତ୍ମକ ପଦ୍ଧତି (ସେଗୁଡିକ ହେଲା ପରୀକ୍ଷା, ମତାମତ

ଟିପ୍ପଣୀ

ଜାଣିବା ପାଇଁ ପ୍ରସ୍ତୁତ ପ୍ରଶ୍ନାବଳୀ, ମାନସିକ ମତି ପରୀକ୍ଷା ଇତ୍ୟାଦି) ଯାହା ନମ୍ବର ବାରମ୍ବାରତା ଉପରେ କେନ୍ଦ୍ରିତ ବରଂ ଅର୍ଥ ଏବଂ ଅଭିଜ୍ଞତା ଉପରେ କୌଣସି ସୂଚନା ପ୍ରଦାନ କରିନଥାଏ, ଯାହା ସହଜରେ ବିଶ୍ଳେଷଣ କରାଯାଇପାରିଥାନ୍ତା ଏବଂ ନିରପେକ୍ଷଭାବେ ବିଶ୍ୱାସଯୋଗ୍ୟ ମାତ୍ର କଦବା କ୍ୱଚିତ ଗଭୀର ଭାବେ ବର୍ଣ୍ଣନା କରିଥାଏ । ଗୁଣାତ୍ମକ ପଦ୍ଧତି (ଘଟଣା ଅନୁଧ୍ୟାନ ଏବଂ ସାକ୍ଷାତକାର ଇତ୍ୟାଦି) ଶିକ୍ଷାର୍ଥୀର ଗୁଣଗୁଡ଼ିକର ପରିସଂଖ୍ୟାନଗତ ଅନୁମାନ ଉପରେ ଗୁରୁତ୍ୱ ନ ଦେଇ ତାହାର ଆତ୍ମନିଷ୍ଠ ବିସ୍ତୃତ ବ୍ୟାଖ୍ୟା ଉପରେ ଗୁରୁତ୍ୱ ଦେଇଥାଏ ।

ବିଭିନ୍ନ ସାଧନ ଓ କୌଶଳକୁ ବ୍ୟବହାର କରି ପରିମାଣାତ୍ମକ ଓ ଗୁଣାତ୍ମକ ତଥ୍ୟକୁ ସଂଗ୍ରହ କରାଯାଏ ଓ ବିଶ୍ଳେଷଣ କରାଯାଏ, ଯାହାକୁ ନିମ୍ନ ସାରଣୀ ୧୩.୩ ରେ ଦିଆଯାଇଛି ।

**ସାରଣୀ - ୧୩.୩**

| ପରିମାଣାତ୍ମକ | ଗୁଣାତ୍ମକ |
|---|---|
| • ଉପଲବ୍ଧି ପରୀକ୍ଷଣ<br>• ସର୍ବେକ୍ଷଣ କରିବା<br>• କୌଣସି ବିଷୟରେ ଲୋକମାନଙ୍କ ମତାମତ ଜାଣିବା ପାଇଁ ପ୍ରସ୍ତୁତ ପ୍ରଶ୍ନାବଳୀ<br>• ପୂର୍ବ / ପର ପରୀକ୍ଷଣ<br>• ଉପଲବ୍ଧ ଥିବା / କମ୍ପ୍ୟୁଟରରେ ରଖାଯାଇଥିବା ସଜ୍ଜିତ ବିଷୟ ସମୂହ | • ପର୍ଯ୍ୟବେକ୍ଷଣ, ସାକ୍ଷାତକାର, କୃତି ମୂଲ୍ୟାୟନ, ଘଟଣା ଅନୁଧ୍ୟାନ, ପ୍ରକଳ୍ପ, ନ୍ୟସ୍ତକାର୍ଯ୍ୟ<br>• କେନ୍ଦ୍ରିତ ଦଳ ଆଲୋଚନା<br>• କ୍ଷେତ୍ର ବିବରଣୀ, ଦିନ ପାଞ୍ଜି ଲେଖକ<br>• ଭିଡିଓ, ଅଡିଓ ରେକର୍ଡିଂ, ଫଟୋଗ୍ରାଫ<br>• ନଥିପତ୍ର (ଲିଖିତ ବିବରଣୀ, ସଭା, କାର୍ଯ୍ୟ ବିବରଣୀ ଇତ୍ୟାଦି) |

ପରିମାଣାତ୍ମକ ଓ ଗୁଣାତ୍ମକ ତଥ୍ୟ କିପରି ଭିନ୍ନ ?

ପରିମାଣାତ୍ମକ ଓ ଗୁଣାତ୍ମକ ତଥ୍ୟ ମଧ୍ୟରେ ପାର୍ଥକ୍ୟକୁ ତଳ ସାରଣୀ ୧୩.୪ରେ ଦର୍ଶାଯାଇଛି ।

**ସାରଣୀ- ୧୩.୪**

| ପରିମାଣାତ୍ମକ ତଥ୍ୟ | ଗୁଣାତ୍ମକ ତଥ୍ୟ |
|---|---|
| କିଏ, କଣ, କେତେବେଳେ କେତେ ପରିମାଣ ଓ କେତେ ଜଣ ସମ୍ପର୍କରେ ବ୍ୟାଖ୍ୟା କରେ | କାହିଁକି ଓ କିପରି କୁ ବୁଝାଏ/ |
| ସଂଖ୍ୟା ସହିତ ସଂଯୁକ୍ତ | ବର୍ଣ୍ଣନା ସହିତ ସଂଯୁକ୍ତ |
| ତଥ୍ୟକୁ ପର୍ଯ୍ୟବେକ୍ଷଣ କରାଯାଇପାରିବ ଏବଂ ମପାଯାଇପାରିବ | ତଥ୍ୟକୁ ସଂଗୃହୀତ କରାଯାଇପାରିବ ବ୍ୟକ୍ତିଗତ ଭାବେ କିମ୍ବା ମତାମତ ଦେଇଥିବା ଦଳମାନଙ୍କଠାରୁ |
| ଏହା ବ୍ୟବହାର ଯୋଗ୍ୟ ଯେତେବେଳେ ଆବଶ୍ୟକ ସୂଚନାକୁ ଗଣନ କରାଯାଇପାରେ ଏବଂ ପରସଂଖ୍ୟାନ ପଦ୍ଧତି ଦ୍ୱାରା ବିଶ୍ଳେଷଣ କରାଯାଇପାରିବ । | ଯେତେବେଳେ ଗୋଟେ ପ୍ରସଙ୍ଗ ପାଇଁ ପରିମାଣାତ୍ମକ ତଥ୍ୟ କେବଳ ଯଥେଷ୍ଟ ହୋଇନଥାଏ । ପ୍ରସଙ୍ଗ ଉପରେ ଏକ ବିସ୍ତୃତ ବୁଝାମଣା ଓ ବର୍ଣ୍ଣନା ଆବଶ୍ୟକ ଥିବା ବେଳେ ଏହା ବ୍ୟବହାର ଯୋଗ୍ୟ ହୋଇଥାଏ । |



ଟିପ୍ପଣୀ

| | |
|---|---|
| ସଠିକ ଏବଂ ସଂକ୍ଷିପ୍ତ ତଥ୍ୟ ଆବଶ୍ୟକ ଥିବାବେଳେ ଏହାକୁ ବ୍ୟବହାର କରାଯାଏ | ଗୋଟିଏ ନିର୍ଦ୍ଦିଷ୍ଟ ପରିସ୍ଥିତି ସମ୍ପର୍କରେ ଶିକ୍ଷାର୍ଥୀ କ'ଣ ଭାବନ୍ତି ସେ ବିଷୟରେ ଯେତେବେଳେ ସୂଚନା ଆବଶ୍ୟକ ହୋଇଥାଏ ଏବଂ ସେଗୁଡିକର ଅଗ୍ରାଧିକାର କେତେ, ସେଠାରେ ଏହା ଉପଯୋଗୀ । "ପିଲାମାନେ କାହିଁକି ଗୋଟିଏ ନିର୍ଦ୍ଦିଷ୍ଟ ପ୍ରକାରର ବ୍ୟବହାର ଦେଖାନ୍ତି ?" ଯେତେବେଳେ ଏହି ପ୍ରଶ୍ନ ବୁଝିବାକୁ ଚାହାନ୍ତି, ସେତେବେଳେ ଏହା ମଧ୍ୟ ବ୍ୟବହାର ଯୋଗ୍ୟ । |
| ବସ୍ତୁନିଷ୍ଠତା, ବିଶ୍ୱାସନୀୟତା ଏବଂ ସାଧାରଣ ଉକ୍ତିରେ ପ୍ରକାଶ କରିବାର ସାମର୍ଥ୍ୟକୁ ସୁନିଶ୍ଚିତ କରିଥାଏ ମାତ୍ର କ୍ୱଚିତ୍ କୌଣସି ଗଭୀର ତଥ୍ୟ ପ୍ରଦାନ କରିଥାଏ । | ଏହା ଉପରେ ସାଧାରଣ ବା ନିର୍ଦ୍ଦିଷ୍ଟ ସିଦ୍ଧାନ୍ତ ବାକ୍ୟ ଲେଖାଯାଇପାରିବ ନାହିଁ । |
| ତଥ୍ୟାବଳୀଗୁଡିକ ଏକା ପ୍ରକାର ସାଧନୀ ଦ୍ୱାରା ଉତ୍ପନ୍ନ ହୁଏ । | ଗୁଣାତ୍ମକ ତଥ୍ୟରେ ପ୍ରାସଙ୍ଗିକତା ଗୁରୁତ୍ୱପୂର୍ଣ୍ଣ । |

ବିଭିନ୍ନ ଉତ୍ସରୁ ମିଳୁଥିବା ତଥ୍ୟ ପ୍ରତ୍ୟେକ ଶିକ୍ଷାର୍ଥୀର ଶିକ୍ଷଣ ସମ୍ପର୍କରେ ନିଷ୍ପତ୍ତି ନେବାପାଇଁ ସମୃଦ୍ଧି କରେ ଯାହା ଫଳାଫଳର ଉନ୍ନତିକୁ ତ୍ୱରାନ୍ୱିତ କରିଥାଏ । ବିଭିନ୍ନ ଉତ୍ସଗୁଡିକ ହେଲା – ସାଧାରଣ ଗଠନମୂଳକ ଏବଂ ସମାପ୍ତିସୂଚକ ଆକଳନ, କୃତିତ୍ୱ ଆକଳନ, ପର୍ଯ୍ୟବେକ୍ଷଣ, କାର୍ଯ୍ୟନମୁନା, କୃତି ମୂଲ୍ୟାୟନ, ନ୍ୟସ୍ତକାର୍ଯ୍ୟ, ପ୍ରକଳ୍ପକାର୍ଯ୍ୟ ଏବଂ ସ୍ୱ-ବିବୃତି ଇତ୍ୟାଦି । ବିଭିନ୍ନ ଉତ୍ସରୁ ମିଳୁଥିବା ତଥ୍ୟକୁ ବ୍ୟବହାର କଲେ ଶିକ୍ଷାର୍ଥୀ ସମ୍ବନ୍ଧରେ ଏକ ସନ୍ତୁଳିତ ଓ ଅଧିକ ସାମଗ୍ରିକ ତଥ୍ୟ ପ୍ରତିପାଦନ କରିଥାଏ ଯାହା ଗୋଟିଏ ମାତ୍ର ଉତ୍ସରୁ ମିଳୁଥିବା ତଥ୍ୟ ସେତିକି ଉପାଦେୟ ନଥାଏ । ଆପଣ ବୁଝିସାରିବେଣି ଯେ, ତଥ୍ୟ କେବଳ ଅଳ୍ପ କିଛି ନିଷ୍ପତ୍ତି ନେବା ପାଇଁ ସୂଚିତ କରିଥାଏ ଏବଂ ଉପାଦେୟତାକୁ ଉନ୍ନତି କରିଥାଏ । ତଥ୍ୟର ସମ୍ପୂର୍ଣ୍ଣ ବିଶ୍ଳେଷଣ ଏବଂ ପ୍ରତି ପରୀକ୍ଷଣ ଶିକ୍ଷଣ ସମ୍ପର୍କିତ ନିଷ୍ପତ୍ତି ନେବା ପାଇଁ ଆବଶ୍ୟକ ହୋଇଥାଏ ।

## ୧୩.୫ ସାରାଂଶ

- ମାପନ ହେଉଛି ଏକ ପ୍ରକ୍ରିୟା ଯାହା ବସ୍ତୁର ବା ଘଟଣାର ବିଶିଷ୍ଟ ଗୁଣ କିମ୍ବା ଦୈର୍ଘ୍ୟ, ପ୍ରସ୍ଥ, କ୍ଷେତ୍ରଫଳ ବା ଆୟତନକୁ ପରିମାଣରେ ପ୍ରକାଶ କରେ ।
- ଆକଳନ ବା ମୂଲ୍ୟ ନିର୍ଦ୍ଧାରଣ ହେଉଛି ଏକ ପ୍ରକ୍ରିୟା ଯେଉଁଥିରେ ଜଣାଥିବା ଉଦ୍ଦେଶ୍ୟ ବା ଲକ୍ଷ୍ୟ ସମ୍ପର୍କିତ ସୂଚନା ପ୍ରାପ୍ତ ହୋଇଥାଏ ।
- ମୂଲ୍ୟାୟନ ହେଉଛି ଏକ ବିଶିଷ୍ଟ ସମୟ ଅବଧି ମଧ୍ୟରେ କୌଣସି ଘଟଣା ସମ୍ବନ୍ଧୀୟ ସଂଗୃହୀତ ପରିମାଣାତ୍ମକ ସୂଚନା ଏବଂ ଗୁଣାତ୍ମକ ସୂଚନା ଉପରେ ମୂଲ୍ୟବୋଧ ବିଚାର କରିବା ।

ଟିପ୍ପଣୀ

- ସମ୍ପୂର୍ଣ୍ଣ ଶ୍ରେଣୀଗୃହ ପ୍ରକ୍ରିୟାର ତିନୋଟି ମୁଖ୍ୟ ଉପାଦାନ / ସ୍ତର ଅଛି । ଯେପରି – (୧) ପ୍ରତ୍ୟାଶିତ ଶିକ୍ଷଣ ଫଳାଫଳକୁ ସ୍ଥିର କରିବା (୨) ଯୋଜନା କରିବା ଏବଂ ଶ୍ରେଣୀଗୃହ ପରିଚାଳନା କରିବା ଏବଂ, (୩) ଶିକ୍ଷାର୍ଥୀଙ୍କର ଶିକ୍ଷଣ ଅଗ୍ରଗତିର ମୂଲ୍ୟ ନିର୍ଦ୍ଧାରଣ (ଆକଳନ) କରିବା ।
- ପ୍ରତ୍ୟାଶିତ ଶିକ୍ଷଣ ଫଳାଫଳଗୁଡ଼ିକ ନିର୍ଦ୍ଦିଷ୍ଟ ମାପନଯୋଗ୍ୟ, ହାସଲଯୋଗ୍ୟ, ବାସ୍ତବ ଓ ନିର୍ଦ୍ଦିଷ୍ଟ ଅବଧିଯୁକ୍ତ ହେବା ଆବଶ୍ୟକ (SMART) ।
- ଆକଳନ ଯାହା ଶିକ୍ଷଣର ଗଠନମୂଳକ ସ୍ତରରେ ପରିଚାଳନା କରାଯାଏ ଉଦାହରଣ ସ୍ୱରୂପ ଯେତେବେଳେ ଶିକ୍ଷାର୍ଥୀ ବାସ୍ତବରେ ଶିକ୍ଷଣ ପ୍ରକ୍ରିୟାରେ ଥାଏ ତାହାକୁ ଗଠନମୂଳକ ଆକଳନ କୁହାଯାଏ । ଏହା ଏକ ନିରନ୍ତର ପ୍ରକ୍ରିୟା, ଯାହାକୁ ଶିକ୍ଷକ ଶିକ୍ଷାର୍ଥୀମାନଙ୍କର ଉନ୍ନତିକୁ ନିରନ୍ତର ଭାବେ ପରିଚାଳନା କରିବା ପାଇଁ ଏକ ଦଣ୍ଡମୁକ୍ତ ତଥା ଭୟଶୂନ୍ୟ ପରିବେଶରେ ବ୍ୟବହାର କରିଥାନ୍ତି । ଏହି ଆକଳନରେ ସ୍ୱୟଂ ବିଦ୍ୟାର୍ଥୀ ନିଜେ (ସ୍ୱ-ମୂଲ୍ୟାୟନ) କିମ୍ବା ସହପାଠୀମାନଙ୍କ ଦ୍ୱାରା (ସହପାଠୀ ମୂଲ୍ୟାୟନ) ସମ୍ପାଦିତ ହୋଇଥାଏ । ଏହା ଶିକ୍ଷଣ-ଶିକ୍ଷାଦାନ ସମୟରେ ହିଁ ଉଭୟ ଶିକ୍ଷକ ଓ ଶିକ୍ଷାର୍ଥୀଙ୍କୁ ନିରନ୍ତର ପ୍ରତିପୁଷ୍ଟି ପ୍ରଦାନ କରିବା ପାଇଁ ପରିଚାଳିତ ହୋଇଥାଏ ।
- ସମାପ୍ତିସୂଚକ ଆକଳନ ସେହି ପ୍ରକାର ଶିକ୍ଷଣ ଆକଳନକୁ ବୁଝାଏ ଯାହା ଗୋଟିଏ ଶିକ୍ଷାର୍ଥୀର ପ୍ରଗତି ସମ୍ପର୍କରେ ଏକ ନିର୍ଦ୍ଦିଷ୍ଟ ସମୟ 'ସମଷ୍ଟି' ବା ଏକ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥାଏ । ଏହା ହେଉଛି ଗୋଟିଏ ନିର୍ଦ୍ଦିଷ୍ଟ ସମୟରେ ଶିକ୍ଷାର୍ଥୀର ଶିକ୍ଷଣ ଆକଳନ ପ୍ରକ୍ରିୟା (ଗ୍ରେଡ୍ ରେ କିମ୍ବା ସ୍ତରରେ) । ଗୋଟିଏ ଶିକ୍ଷଣ-ଶିକ୍ଷାଦାନ ପ୍ରକ୍ରିୟାରେ, ସମାପ୍ତିସୂଚକ ଆକଳନ ଗୋଟିଏ ଶିକ୍ଷାବର୍ଷର ଶେଷରେ ନିର୍ଦ୍ଦିଷ୍ଟ କରେ ଯେ ପ୍ରକୃତରେ ଜଣେ ଶିକ୍ଷାର୍ଥୀ କେତେ ଶିଖିଛି, ସେ ବିଷୟରେ ଜଣାଇଥାଏ ଏବଂ ସେମାନେ ଶିକ୍ଷାବର୍ଷର ବିହିତ ମାନକୁ ହାସଲ କରିପାରିଛନ୍ତି କି ନାହିଁ । ସମାପ୍ତିସୂଚକ ଆକଳନ ଔପଚାରିକ ମାଧ୍ୟମରେ ଏବଂ କୁଇଜ କାର୍ଯ୍ୟକ୍ରମ, ରଚନା, ପରୀକ୍ଷଣ କିମ୍ବା ପ୍ରକଳ୍ପ କାର୍ଯ୍ୟ ମାଧ୍ୟମରେ ଅନୁଷ୍ଠିତ କରାଯାଇପାରିବ ।
- ନିରନ୍ତର ଓ ସାମଗ୍ରିକ ମୂଲ୍ୟାୟନରେ 'ନିରନ୍ତର' ଶବ୍ଦ ଗୁରୁତ୍ୱାରୋପ କରିଥାଏ ଯେ ଶିକ୍ଷାର୍ଥୀର ବୃଦ୍ଧି ଓ ବିକାଶର ଚିହ୍ନିତ ଦିଗଗୁଡ଼ିକ ହେଉଛି ଏକ ନିରନ୍ତର ପ୍ରକ୍ରିୟା ଯାହା ସମଗ୍ର ଶିକ୍ଷଣ-ଶିକ୍ଷାଦାନ ପ୍ରକ୍ରିୟା ଉପରେ ପ୍ରତିଷ୍ଠିତ ଏବଂ ସମଗ୍ର ଶିକ୍ଷାବର୍ଷରେ ପୁରାପୁରି ବିସ୍ତାରିତ ହୋଇଥାଏ । ଏହାର ଅର୍ଥ ନିୟମିତ ଆକଳନ, ଏକକ ପରୀକ୍ଷଣର ବାରମ୍ବାରତା, ଶିକ୍ଷଣ ଦୂରତ୍ୱର ଚିହ୍ନଟିକରଣ, ଉପଯୁକ୍ତ ଉପାୟର ବ୍ୟବହାର, ପୁନଃପରୀକ୍ଷଣ ଏବଂ ମତାମତ ଉଭୟ ଶିକ୍ଷକ ଓ ଶିକ୍ଷାର୍ଥୀମାନଙ୍କୁ ନିଜସ୍ୱ ମୂଲ୍ୟାୟନ କରିବାରେ ପ୍ରୟାସ କରିଥାଏ । ସାମଗ୍ରିକ ଶବ୍ଦର ଅର୍ଥ ହେଉଛି ଯେ ଏହା ଶିକ୍ଷାର୍ଥୀର ବୃଦ୍ଧି ଓ ବିକାର ଉଭୟ ବୌଦ୍ଧିକ ଓ ସହବୌଦ୍ଧିକ ଦିଗକୁ ଆଚ୍ଛାଦିତ କରିଥାଏ ।
- ନିରନ୍ତର ଓ ସାମଗ୍ରିକ ମୂଲ୍ୟାୟନ ଏକ ପ୍ରକ୍ରିୟା ଯାହା ଉଭୟ ଗଠନମୂଳକ ଓ ସମାପ୍ତି ସୂଚକ ମୂଲ୍ୟାୟନ ଦ୍ୱାରା ଶିକ୍ଷାର୍ଥୀର ଶିକ୍ଷଣ ଉପଲବ୍ଧିକୁ ସୁନିଶ୍ଚିତ କରିଥାଏ ଏବଂ ବିଭିନ୍ନ ବିଭାଗରେ ଯଥା – ଜ୍ଞାନାତ୍ମକ, ଭାବାତ୍ମକ ଓ କ୍ରିୟାତ୍ମକ ଦିଗରେ ଶିକ୍ଷାର୍ଥୀର ସର୍ବାଙ୍ଗୀନ ବିକାଶକୁ ପ୍ରୋତ୍ସାହିତ କରିଥାଏ ।
- ମୂଲ୍ୟାୟନ ପଦ୍ଧତି ଏବଂ ସେଥିରୁ ମିଳୁଥିବା ତଥ୍ୟକୁ ଦୁଇଟି ମୌଳିକ ବିଭାଗରେ ଅନ୍ତର୍ଭୁକ୍ତ କରାଯାଇଛି : ପରିମାଣାତ୍ମକ ଓ ଗୁଣାତ୍ମକ । ପରିମାଣାତ୍ମକ ପଦ୍ଧତି ଖାଲି 'ଶୃଙ୍ଖଳା ନମ୍ବର' ପ୍ରଦାନ

ଟିପ୍ପଣୀ

କରେ ଯେତେବେଳେ ଗୁଣାତ୍ମକ ପଦ୍ଧତିଗୁଡିକ ବର୍ଣ୍ଣନାତ୍ମକ ତଥ୍ୟକୁ ହସ୍ତଗତ କରେ । ଉଭୟ ପରିମାଣାତ୍ମକ ଓ ଗୁଣାତ୍ମକ କୌଶଳ ଶିକ୍ଷାର୍ଥୀର ଶିକ୍ଷଣର ବିଭିନ୍ନ ଦିଗରୁ ଏକ ବୁଦ୍ଧିମନ୍ତ ଏବଂ ଅଧିକ ସାମଗ୍ରିକ ତଥ୍ୟ ପ୍ରଦାନ କରିଥାଏ । ସାଧାରଣତଃ ବ୍ୟବହାର କରାଯାଉଥିବା ପଦ୍ଧତି ଗୁଡିକ ମୂଲ୍ୟାୟନର ଉଦ୍ଦେଶ୍ୟକୁ ଭିତ୍ତି କରି ନିର୍ଣ୍ଣୟ କରାଯାଇଥାଏ ।

- ପରିମାଣାତ୍ମକ ପଦ୍ଧତି (ଯଥା - ପରୀକ୍ଷା, ମତାମତ ଜାଣିବା ପାଇଁ ପ୍ରସ୍ତୁତ ପ୍ରଶ୍ନାବଳୀ, ମାନସିକ ସ୍ଥିତି ପରୀକ୍ଷା ଇତ୍ୟାଦି) ଯାହା ନମ୍ବର, ବାରମ୍ବାରତା ଉପରେ କେନ୍ଦ୍ରିତ ବରଂ ତାର ଅର୍ଥ ଏବଂ ଅଭିଜ୍ଞତା ଉପରେ କୌଣସି ସୂଚନା ପ୍ରଦାନ କରିନଥାଏ, ଯାହାକୁ ସହଜରେ ବିଶ୍ଳେଷଣ କରାଯାଇପାରେ ଏବଂ ନିରପେକ୍ଷଭାବେ ବିଶ୍ୱାସଯୋଗ୍ୟ ମାତ୍ର କଦବା କ୍ୱଚିତ ଗଭୀର ଭାବେ ବର୍ଣ୍ଣନା କରିଥାଏ । ଗୁଣାତ୍ମକ ପଦ୍ଧତି (ଯଥା- ଘଟଣା ଅନୁଧ୍ୟାନ, ଏବଂ ସାକ୍ଷାତକାର ଇତ୍ୟାଦି) ଯାହା ଅର୍ଥ ବର୍ଣ୍ଣନା କରିବାରେ ସଚେତନ ପରିସଂଖ୍ୟାନ ସଂକ୍ରାନ୍ତୀୟ ତଥ୍ୟ ପ୍ରଦାନ କରିବା ପରିବର୍ତ୍ତେ ଅଧିକ ଗଭୀର ଏବଂ ସମୃଦ୍ଧ ତଥ୍ୟ ପ୍ରତିପାଦନ କରିଥାଏ ମାତ୍ର ବିଷୟ ସମ୍ପୂର୍ଣ୍ଣ ହୋଇଥାଏ ।

## ୧୩.୬ ନିଜ ଅଗ୍ରଗତି ଆକଳନ ପାଇଁ ଆଦର୍ଶ ଉତ୍ତର

E-1 ସୁମନ ଶତକଡା ପ୍ରସଙ୍ଗ ଉପରେ ଅନୁଷ୍ଠିତ ହୋଇଥିବା ଉପଲବ୍ଧି ପରୀକ୍ଷଣରେ ୨୫ ନମ୍ବରରୁ ୧୫ ନମ୍ବର ରଖିଥିଲା । ମାସକ ପରେ ସେ ପୁଣିଥରେ ପରୀକ୍ଷାଦେଲା ଏବଂ ସେ ପରୀକ୍ଷାରେ ଅଧିକ ନମ୍ବର ରଖିବାରେ ସମ୍ଭାବ୍ୟ କାରଣଗୁଡିକୁ ନିମ୍ନରେ ଦର୍ଶାଯାଇଛି

- ସେ ଉତ୍ତରଗୁଡିକୁ ଘୋଷିକରି ମନେରଖିଥାଇପାରେ ।
- ସେ ପରୀକ୍ଷା ଦେବାକୁ ବାରମ୍ବାର ଅଭ୍ୟାସ କରିଥାଇପାରେ ।
- ସେ ଯେଉଁ ଧାରଣାଗୁଡିକୁ ବୁଝିପାରିନଥିଲା ସେଗୁଡିକୁ ଶିକ୍ଷକ, ଶିକ୍ଷାର୍ଥୀ ଓ ପିତାମାତାଙ୍କ ଠାରୁ ବୁଝିନେଇଛି ।

E-2 : ଯବା ବିଜ୍ଞାନରେ ରଖିଥିବା ନମ୍ବର ସହିତ, ଆପଣ ନିମ୍ନଲିଖିତ କାରଣ ମଧ୍ୟରୁ ଯେକୌଣସି ତିନୋଟି ଦିଗକୁ ତାର ବିଜ୍ଞାନ ଶିକ୍ଷଣର ଅଗ୍ରଗତିର ଆକଳନ ପାଇଁ ବ୍ୟବହାର କରିପାରନ୍ତି / କରିପାରିବେ -

- ପ୍ରକୃତି ଓ ପ୍ରକୃତିର ଉପାଦାନକୁ ପର୍ଯ୍ୟବେକ୍ଷଣ କରିବାର କୌଶଳ
- ପରୀକ୍ଷଣ କୌଶଳ
- ଜିନିଷଗୁଡିକର ବସ୍ତୁନିଷ୍ଠତା ସହ ବିଶ୍ଳେଷଣ, ବିଭାଗୀକରଣ ଏବଂ ସଂଶ୍ଳେଷଣ କରିବାର କୌଶଳ
- ବୈଜ୍ଞାନିକ ପ୍ରକୃତି ଭିତ୍ତିକ ପ୍ରକଳ୍ପର ଆୟୋଜନ କରିବା କୌଶଳ
- ପ୍ରଶ୍ନ ପଚାରିବାର କୌଶଳ

E-3 : ସମାପ୍ତିସୂଚକ ଆକଳନରେ ନମ୍ବର ଗୁରୁତ୍ୱପୂର୍ଣ୍ଣ କିନ୍ତୁ ଗଠନମୂଳକ ଆକଳନରେ ନୁହେଁ କାରଣ ସମାପ୍ତିସୂଚକ ଆକଳନ -

- ସମ୍ପୂର୍ଣ୍ଣ ପାଠରୁ ଶିକ୍ଷାର୍ଥୀ କେତେ ଶିଖିଲେ ଏବଂ ସେମାନେ ବିହିତ ମାନକ ବା ଦକ୍ଷତା ଗୁଡିକୁ ହାସଲ କଲେ କି ନାହିଁ , ତାହା ନିର୍ଦ୍ଧାରଣ କରେ ।



ଟିପ୍ପଣୀ

- ଶ୍ରେଣୀରେ ପାଠପଢ଼ା ଶେଷରେ ଅନ୍ୟ ଶିକ୍ଷାର୍ଥୀଙ୍କ ତୁଳନାରେ ଶିକ୍ଷାର୍ଥୀଟିର ସ୍ତର ନିର୍ଦ୍ଧାରଣ କରେ
- ଶିକ୍ଷାର୍ଥୀଙ୍କୁ ଗ୍ରେଡ ଦେବାରେ ସାହାଯ୍ୟ କରେ

E-4 : ଜଣେ ଶିକ୍ଷକଭାବେ ଶିକ୍ଷାର୍ଥୀଙ୍କୁ ଆକଳନ କଲାବେଳେ ନିଶ୍ଚିତ ଭାବେ -

- ଶିକ୍ଷାର୍ଥୀର ବିଷୟଭିତ୍ତିକ ଶିକ୍ଷଣ ଓ ସମସ୍ତ ବିଷୟରେ ପ୍ରଗତି ସମ୍ପର୍କରେ ତଥ୍ୟ ସଂଗ୍ରହ କରିବା ପାଇଁ ବିଭିନ୍ନ ପ୍ରକାରର ଉପାୟ ଅବଲମ୍ବନ କରନ୍ତୁ ।
- ନିରନ୍ତର ଭାବେ ତଥ୍ୟ ସଂଗ୍ରହ କରନ୍ତୁ ଓ ସେଗୁଡ଼ିକୁ ଲିପିବଦ୍ଧ କରନ୍ତୁ ।
- ପ୍ରତ୍ୟେକ ଶିକ୍ଷାର୍ଥୀର ନିଜକୁ ପ୍ରକାଶ କରିବାର ଢଙ୍ଗକୁ ଏବଂ ଶିକ୍ଷଣକୁ ଏବଂ ସେ ପ୍ରକାଶ କରିବାକୁ କେତେ ସମୟ ନେଉଛି – ଏ ସବୁ ଉପରେ ଗୁରୁତ୍ୱ ଦିଅନ୍ତୁ ।
- ନିରନ୍ତର ଭାବେ ତଥ୍ୟକୁ ଜଣାନ୍ତୁ / ଅବଗତ କରନ୍ତୁ ଏବଂ ପ୍ରତ୍ୟେକ ଶିକ୍ଷାର୍ଥୀ ର ଶିକ୍ଷଣ ପାଇଁ ଦାୟିତ୍ୱବାନ / ସମ୍ବେଦନଶୀଳ ହୁଅନ୍ତୁ ।
- ପ୍ରତିପୁଷ୍ଟି / ମତାମତ ପ୍ରଦାନ କରନ୍ତୁ ଯାହା ଶିକ୍ଷାର୍ଥୀଙ୍କୁ ସକାରାତ୍ମକ ଦିଗରେ କାର୍ଯ୍ୟ କରିବାକୁ ବାଟ ଦେଖାଇବା ଏବଂ ଶିକ୍ଷାର୍ଥୀଙ୍କୁ ଅଧିକ ଭଲ କରିବା ପାଇଁ ସାହାଯ୍ୟ କରିବ

ଜଣେ ଶିକ୍ଷକ ଭାବରେ ଶିକ୍ଷାର୍ଥୀର ଆକଳନ କଲାବେଳେ ନିମ୍ନୋକ୍ତ କାର୍ଯ୍ୟ କଦାପି କରିବେ ନାହିଁ

- ଶିକ୍ଷାର୍ଥୀମାନଙ୍କୁ ଧୀର, ଗରିବ, ମେଧାବୀ, ଭାବେ ବାଛିବା
- ସେମାନଙ୍କ ମଧ୍ୟରେ ତୁଳନା କରିବା
- ନକାରାତ୍ମକ ଉକ୍ତି ପ୍ରଦାନ କରିବା

## ୧୩.୭ ଅଧ୍ୟୟନ ଓ ବ୍ୟବହାର ପାଇଁ ପ୍ରସ୍ତାବିତ ପୁସ୍ତକ ଓ ସନ୍ଦର୍ଭ ଗ୍ରନ୍ଥ


1. Bridges, L. (1995). Assessment: Continuous learning. California: Stenhouse Publishers.
2. Central Board of Secondary Education (2010). Continuous and Comprehensive Evaluation: Manual for Teachers. Shiksha Kendra, Delhi.
3. Gallagher, J.D. (1998). Classroom assessment for teachers. New Jersey: Prentice-Hall Inc.
4. Grauwe, A.D. &Naidoo, J.P. (2002). School Evaluation for Quality Improvement: An Asian Network of Training and Research Institutions in Educational Planning (ANTRIEP) Report (Ed.). Kuala Lumpur, Malaysia.
5. Gronlund, N.E. & Linn, R. (1990). Measurement and Evaluation in Teaching (6th Ed.). Macmillan Publishing, New York.
6. Hogan, T.P. (2007). Educational Assessment: A practical introduction. Danvers: Wiley. 26 Notes Based of Assessment and Evaluation Diploma in Elementary Education (D.El.Ed)
7. Hopkins, K. D. & Stanley, J. C. (1981). Educational and Psychological Measurement and Evaluation.Englewood Cliffs, N. J. Prentice Hall.
8. National Council of Educational Research and Training (2005). National Curriculum Framework – 2005.Sri AurobindoMarg, New Delhi - 110 016.

9. National Council of Educational Research and Training (2006). Position Paper: National Focus Group on Examination Reforms. Sri AurobindoMarg, New Delhi - 110 016.

ଟିପ୍ପଣୀ

## ୧୩.୮ ପାଠାନ୍ତ ପ୍ରଶ୍ନାବଳୀ

୧. ଶିକ୍ଷାର୍ଥୀଙ୍କ ଶିକ୍ଷଣର ଫଳପ୍ରଦ ଅଭିବୃଦ୍ଧି ନିମିତ୍ତ ସମାପ୍ତି ସୂଚକ ଓ ଗଠନମୂଳକ ଆକଳନର ଭୂମିକା ବର୍ଣ୍ଣନା କର ।

୨. ଜଣେ ଶିକ୍ଷକ ଭାବରେ ତୁମ ବିଦ୍ୟାଳୟରେ ନିରନ୍ତର ଓ ସାମଗ୍ରୀକ ମୂଲ୍ୟାନକୁ କିପରି କାର୍ଯ୍ୟକାରୀ କରିବାକୁ ଚାହଁ ବର୍ଣ୍ଣନା କର ?